## ସଂକ୍ଷେପରେ

### ଖରସ୍ରୋତା ନଦୀରେ ବୁଡି ଯୁବକ ନିଖୋଜ

ଆଳି,୫।୫(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମାହାରାକୂଳ ଗାଁର ଜଣେ ଯୁବକ ନଦୀରେ ବୁଡି ଯିବାରୁ ନିଖୋଜ ଥିବା ସୂଚନା ମିଳିଛି। ସେ ହେଲେ ଗ୍ରାମର ଗୋଲେଖ ଜେନା (୪୫)। ଅପରାହ୍ଣ ୩ ଟାରେ ଖରାସ୍ରୋତା ନଦୀରେ ଗାଧୋଉଥିବା ବେଳେ ନଦୀରେ ବୁଡି ଯାଇଥିଲେ। ଗୋଲେଖ ନଦୀରେ ବୁଡିଯିବା ଦେଖି ଗ୍ରାମବାସୀ ଖୋଜାଖୋଜି କରିବା ସହ ଆଳି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଆଳି ଅଗ୍ନିଶମ ବାହିନୀ ପହଞ୍ଚି ସ୍ପିଡ୍ ବୋଟ ସାହାଯ୍ୟରେ ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲେ। ଦୀର୍ଘ ସମୟ ଧରି ଖୋଜା ଖୋଜି ପରେ ତାଙ୍କର ପତାମିଳି ନ ଥିଲା। ସନ୍ଧ୍ୟାରେ ପ୍ରବଳ ବର୍ଷା ପବନ ହେବାରୁ ଦମକଳ ବାହିନୀ ଘଟଣାସ୍ଥଳରୁ ଫେରି ଆସିଥିଲେ। ଖବର ଲେଖା ହେବା ସୁଦ୍ଧା ଯୁବକଙ୍କ ପତା ମିଳିନାହିଁ।

### ଜମି ହସ୍ତାନ୍ତର ସତ୍ତ୍ୱେ ଜେଏମ୍ଏଫ୍ସି କୋର୍ଟ ପ୍ରତିଷ୍ଠା ହେଉନି

ମାର୍ଶାଘାଇ(ଡି. ଏନ.ଏ.): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଦୀର୍ଘଦିନର ଦାବି ପୂରଣ ହେବା ସଦର ମହକୁମାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ପ୍ରତିଷ୍ଠା ହେବ ବୋଲି ୨୦୧୯ ମାର୍ଚ୍ଚ ୩ରେ ମାର୍ଶାଘାଇଠାରେ ଏକ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ଆଇନମନ୍ତ୍ରୀ ପ୍ରତାପ ଜେନା ଘୋଷଣା କରିଥିଲେ। ପରେ ମାର୍ଶାଘାଇ ତହସିଲ ଅଧୀନ ହିନ୍ଦୁଳିଆ ପଞ୍ଚାୟତର ହଜାରୀ ଛକ ନିକଟରେ ୩ ଏକର ଜମି ଅଧିଗ୍ରହଣ କରାଯାଇ ଆଇନ ବିଭାଗକୁ ହସ୍ତାନ୍ତର କରାଯାଇଛି। ୨୦୨୧ ଜୁଲାଇ ୯ ତାରିଖରେ ହାଇକୋର୍ଟଙ୍କ ନୋଟିଫିକେଶନରେ ରାଜ୍ୟର ୨୦ଟି ଜିଲାରେ ୫୧ଟି ଜେଏମ୍ଏଫ୍ସି କୋର୍ଟ ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେଥିରେ ମାର୍ଶାଘାଇର ନାମ ନ ଥିଲା। ସୋମବାର ରାଜ୍ୟ ସରକାର ବିଭିନ୍ନ ଜିଲାରେ ୩୪ଟି କୋର୍ଟ ପ୍ରତିଷ୍ଠା ପାଇଁ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ମୋହର ମାରିଛନ୍ତି। ତାହା ହାଇକୋର୍ଟଙ୍କ ଅନୁମୋଦନ ପାଇବା ପରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି ତାଲିକାରେ ମଧ ମାର୍ଶାଘାଇର ନାମ ଅଛି କି ନାହିଁ ତାହା ଜଣାପଡିନାହିଁ। ସେତେବେଳେ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ମନ୍ତ୍ରୀ ଜେନା ଏହା ଘୋଷଣା କରିଥିବା ଜନସାଧାରଣରେ ଆଲୋଚନା ହେଉଛି। ତୁରନ୍ତ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସଚେତନ ନାଗରିକ, ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### କୂଅରେ ଗଳିପଡ଼ିଥିବା ହାତୀଛୁଆ ଉଦ୍ଧାର

ଚଣ୍ଡିଖୋଲ,୫।୫(ଡି.ଏନ.ଏ.): ଯାଜପୁର ଜିଲା ବୈରୀ ରେଞ୍ଜ ସମିଆ ପଞ୍ଚାୟତ ଅଧୀନ ଦେହୁରୀ ଗଡ଼ା ଗାଁର ଏକ ଖୋଲା କୂଅରେ ବୁଧବାର ହାତୀଛୁଆ ଖସି ପଡ଼ିଥିଲା। ଗାଁ ଲୋକଙ୍କଠାରୁ ଖବର ପାଇ ବନ ବିଭାଗ ପକ୍ଷରୁ ଜେସିବି ସହାୟତାରେ ରାତିରେ କୂଅ ଖୋଲା ଯାଇ ହାତୀଛୁଆ ଉଦ୍ଧାର କରାଯାଇଛି। ପରେ ହାତୀଛୁଆକୁ କଳି ପାହାଡ଼ର ଜଙ୍ଗଲରେ ଛାଡ଼ି ଦିଆଯାଇଛି। ସମିଆ ପଞ୍ଚାୟତର କଳି ପାହାଡ଼ରେ ହାତୀ ପଲ ଗାଁରେ ପଶି ଫସଲ ନଷ୍ଟ କରିଥାନ୍ତି। ବୁଧବାର ହାତୀପଲ ଆସିଥିବାବେଳେ ହାତୀ ଛୁଆଟି ଖୋଲା କୂଅରେ ଖସି ପଡ଼ିଥିଲା।

# ପେଟ ପାଇଁ ବିଡ଼ି ମୋଡୁଛନ୍ତି ମହିଳା, ଶିଶୁ

କେନ୍ଦ୍ରାପଡ଼ା ଅଫିସ, ୫।୫


ମହିଳା ଶ୍ରମିକମାନେ ବିଡି ପ୍ରସ୍ତୁତ କରୁଛନ୍ତି।

- ସରକାରୀ ଯୋଜନାକୁ ଅପେକ୍ଷା କରିଛନ୍ତି ବିଡ଼ି ଶ୍ରମିକ
- ରାସାୟନିକ ଗ୍ୟାସ ପ୍ରଭାବ ରୋଗକୁ ନାହିଁ ଔଷଧ
- ସ୍ୱତନ୍ତ୍ର ଚିକିତ୍ସାଳୟ ସ୍ଥାପନ ପାଇଁ ଉଠିଲା ଦାବି

ପେଟ ଚାଖଣ୍ଡକ ପାଇଁ ଦାନା ସଂଗ୍ରହ କରିବାକୁ ସମସ୍ତଙ୍କୁ କାମ କରିବାକୁ ପଡୁଛି। ଏଥିରୁ ମହିଳା ଓ ଶିଶୁ ଶ୍ରମିକ ବାଦ୍ ପଡୁନାହାନ୍ତି। ନିଜ ଜୀବନକୁ ବାଜି ଲଗାଇ ସେମାନେ କାମକୁ ଆପଣେଇ ନେଉଛନ୍ତି। ରବିବାର ବିଶ୍ୱ ଶ୍ରମିକ ଦିବସରେ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କଥା ସଭା ସମିତିରେ ଉଠାଯାଇଛି। ହେଲେ ଅଣସଙ୍ଗଠିତ ହୋଇ କେନ୍ଦ୍ରାପଡ଼ା ଜିଲାର ରହିଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ବିଡି ଶ୍ରମିକଙ୍କ ଦୁଃଖକୁ କେହି ବୁଝିବାକୁ ନାହାନ୍ତି। ଜିଲାରେ ପ୍ରାୟ ୧୦ ହଜାର ଲୋକ ଏହି ବୃତ୍ତିରେ ଥିବା ବେଳେ ଅନ୍ୟୂନ ୮ ହଜାର ମହିଳା ଓ ଶିଶୁ ପେଟ ପୋଷିବା ପାଇଁ ଏହି ବୃତ୍ତି କରୁଛନ୍ତି। ବିଡିରେ ବ୍ୟବହୃତ ରାସାୟନିକ ଦ୍ରବ୍ୟର ପ୍ରଭାବ ଦ୍ୱାରା କ୍ରମାଗତ କାଶ, ଯକ୍ଷ୍ମା, ଜର, ଶ୍ୱାସ ଆଦି ସମସ୍ୟା ଦେଖାଯାଉଛି। କିନ୍ତୁ ଶ୍ରମିକଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁନାହିଁ। ସେହିପରି ଅସଙ୍ଗଠିତ ହୋଇଥିବାରୁ ଶ୍ରମିକଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ସରକାରୀ ଯୋଜନା ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ବିଡ଼ି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

ଏ ସମ୍ପର୍କରେ ଶ୍ରମିକ ନେତା ଜଗଜ୍ଜୀବନ ଦାସ କହିଛନ୍ତି, ଜିଲାର ବିକଶିତ ଅର୍ଥନୀତିକୁ ପ୍ରଭାବିତ କରିବା ପରି କୌଣସି ଉତ୍ସ ନାହିଁ। ପ୍ରାୟ ୫୧% ପରିବାରର ପୁରୁଷ କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯାଇଥା'ନ୍ତି। ଏହାସତ୍ତ୍ୱେ ଘରେ ଥିବା ପରିବାର ସଦସ୍ୟ ପେଟ ଚିନ୍ତାରେ ଅଛନ୍ତି। ଏଥିପାଇଁ ବିଡ଼ି ମୋଡ଼ିବା ଏକ ବୃତ୍ତି ହୋଇଛି। ଏହି ବୃତ୍ତିରେ ୮ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ କାର୍ଯ୍ୟ କରୁଛନ୍ତି। ତେବେ ବିଡ଼ି ଶ୍ରମିକ ଅସଙ୍ଗଠିତ ହୋଇ ରହିଥିବାରୁ ସରକାରୀ ଯୋଜନା ସେମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଛି। ମହାକାଳପଡା ଓଳିହା ଗାଁର ଶ୍ରୀମତୀ ପାତ୍ର କହିଛନ୍ତି, ପରିବାର ଆର୍ଥିକ ଦୃଷ୍ଟିରୁ ଅନଗ୍ରସର। ଏକମାତ୍ର ରୋଜଗାରକ୍ଷମ ସ୍ୱାମୀ ସୁରଟରେ ସୂତାକଳରେ କାମ କରୁଥିଲେ। କରୋନା ସଂକ୍ରମଣ ଚାକିରି ଛଡ଼ାଇ ନେଇଥିବା ବେଳେ ପରିବାର ପ୍ରତିପୋଷଣରେ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ମହାଜନ ନିକଟରୁ ବିଡି ପତ୍ର ଆଣି ବିଡି ପ୍ରସ୍ତୁତ କରୁଛନ୍ତି। ଦୈନିକ ୧୦୦୦ ବିଡ଼ି ମୋଡ଼ିଲେ ମାତ୍ର ୧୦୦ ଟଙ୍କା ମିଳୁଛି। ଏଥିପାଇଁ ନିଜ ସହ ଝିଅଙ୍କୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଦୋବନ୍ଧା ଗାଁର ସଜେଦା ଖାତୁନ କୁହନ୍ତି, ବିଡି ନ ମୋଡିଲେ ଆମ ପରିବାରର ଖାଇବା ବନ୍ଦ। ପ୍ରାୟ ୧୦ ବର୍ଷ ଧରି ଏହି କାର୍ଯ୍ୟ କରୁଛୁ। ଏଥିପାଇଁ ପରିବାର ସଦସ୍ୟ ଯକ୍ଷ୍ମା, ଶ୍ୱାସ ଆଦି ବିଭିନ୍ନ ରୋଗରେ ପଡିଛନ୍ତି। ଚିକିତ୍ସା ପାଇଁ ଆମକୁ ପ୍ରାୟ ୨୦ କିଲୋମିଟର ଦୂର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି। ବିଡି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ନ ଥିବାରୁ ଔଷଧ ପାଇବାରେ ଅବହେଳା ହେଉଛି। କମ ରୋଜଗାରକୁ ଚିକିତ୍ସା ଖର୍ଚ୍ଚ ପରିବାରର ସାମାଜିକ ଚଳଣିକୁ ବ୍ୟତିବ୍ୟସ୍ତ କରିପକାଉଛି। ଏ ସମ୍ପର୍କରେ ଶ୍ରମିକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ବିଡ଼ି ଶ୍ରମିକମାନେ ସାଧାରଣରେ ଅସଙ୍ଗଠିତ ହୋଇ ରହିଛନ୍ତି। ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତାଙ୍କ ଦୃଷ୍ଟିକୁ ଆସୁନାହିଁ। ବିଡି ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାଳୟ ସହ ଶ୍ରମ ମଜୁରିକୁ ଅଧିକ କରିବାକୁ ସେ ଦାବି ଉଠାଇଛନ୍ତି। ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାୟକ କହିଛନ୍ତି, ଶ୍ରମିକଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଯୋଜନା କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣଠାରୁ ଆରମ୍ଭ କରି ବିବାହ ଖର୍ଚ୍ଚରେ ସାହାଯ୍ୟ ଦିଆଯାଉଛି। ଏହି ଶ୍ରେଣୀର ଶ୍ରମିକ ଜିଲା କାର୍ଯ୍ୟାଳୟକୁ ଆସି ପଞ୍ଜୀକରଣ କରିବାକୁ ସେ ପରାମର୍ଶ ଦେଇଛନ୍ତି।

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଡେରାବିଶ,୫।୫(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଦୁଇ ସପ୍ତାହ ହେଲା ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ବେଣୀପୁର ପଞ୍ଚାୟତ ସଦାନନ୍ଦପୁର ଗାଁରେ ବିଲାରେ ଗୁରୁବାର ପୂର୍ବାହ୍ଣ ସାଢେ ୧୧ଟାରେ କାମ କରୁଥିବା ବେଳେ ଅଂଶୁଘାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ କରୁଣାକର ମହାନ୍ତି (୬୨)। ପରିବାର ପକ୍ଷରୁ ନିକିରାଇ ଥାନାରେ ଅଭିଯୋଗ ହେବା ପରେ ଆଇଆଇସି କାଦମ୍ବିନୀ ପରିଡା, ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ଓ ଏକ ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି କରୁଣାକରଙ୍କ ମୃତଦେହ ଜବତ କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

### ସଦାନନ୍ଦପୁର ଗୁଳିମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ଡେରାବିଶ, ୫।୫(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ସଦନନ୍ଦପୁର ଗାଁରେ ବୁଧବାର ରାତି ୮ଟାରେ ଘଟିଥିବା ଗୁଳିମାଡ ଘଟଣାରେ ଅଭିଯୁକ୍ତ ଜଣଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଗାଁର ପର୍ଶୁରାମ ପ୍ରଧାନ। ପୋଲିସ ସୂଚନା ମୁତାବକ, ଡେରାବିଶ ଥାନା ରଘୁଦେଈପୁର ଗାଁର ଅଜୟ କୁମାର ପତି ନାମକ ଯୁବକ ସଦାନନ୍ଦପୁର ଗାଁର ଜଣେ ସମ୍ପର୍କୀୟ ଭଉଣୀଙ୍କ ଘରେ ବୁଧବାର ରାତିରେ ବସିଥିଲେ। ପୂର୍ବ ଶତ୍ରୁତାକୁ ନେଇ ସେହି ଗାଁର ପର୍ଶୁରାମ ଘର ଭିତରେ ପଶି ଅଜୟଙ୍କ



ଛାତିରେ ଏକ ବନ୍ଧୁକ ଲଗାଇ ଦେଇଥିଲେ। ଅଜୟ ଭୟଭୀତ ହୋଇ ବନ୍ଧୁକ ଠେଲି ଦେବାରୁ ଗୁଳି ଫୁଟି ତାଙ୍କ ଡାହାଣ ହାତ ପାପୁଲିରେ ବାଜିଥିଲା। ଅଜୟଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଜୟଙ୍କ ପରିବାର ପକ୍ଷରୁ ନିକିରାଇ ଥାନାରେ ଅଭିଯୋଗ ହେବା ପରେ ଆଇଆଇସି କାଦମ୍ବିନୀ ପରିଡା, ଡେରାବିଶ ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବ୍ୟବହୃତ ବନ୍ଧୁକକୁ ଜବତ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୬୩/୨୨ରେ ମାମଲା ରୁଜୁ କରିଛି।

## 'କୃଷିକୁ ଆପଣାଇଲେ ଜୀବିକା ବଞ୍ଚିବ'


କୃଷକ ସଙ୍ଗଠନର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ରଘୁନାଥପୁର,୫।୫(ଡି.ଏନ୍.ଏ.)

ଜଗତସିଂହପୁର ଜିଲା କୃଷକ ସଙ୍ଗଠନର ୧୭ତମ ବାର୍ଷିକ ଉତ୍ସବ ରଘୁନାଥପୁର ବ୍ଲକ ହରିଶ୍ପୁରସ୍ଥିତ ମା'ମଲ୍ଲିକେଶ୍ୱରୀଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଗୋବିନ୍ଦଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରି ଚାଷୀଙ୍କ ହିତରେ ସଙ୍ଗଠନର ସଂଘର୍ଷମୟ କାହାଣୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉତ୍କଳ ବିକାଶ ପରିଷଦର ମହାସଚିବ ରଷିଗୁମାନ ସିଂ ଓ ଅର୍ଥନୀତି ସଚିବ ସୁରଜିତ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକଙ୍କ ସମସ୍ୟା, ଏହାର ନିରାକରଣ ଏବଂ ସଙ୍ଗଠନର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସିଂ ମହିଳାଙ୍କ ଉଦ୍ଦେଶ୍ୟରେ କହିଥିଲେ, କୃଷିକୁ ଆପଣାଇଲେ ଜୀବିକା ବଞ୍ଚିବ। ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା, ଉପସଭାପତି ସାରଦା ପ୍ରସାଦ ରାୟ ଓ ଉପଦେଷ୍ଟା ଦିଲୀପ ରଥ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ସଫଳ ଚାଷୀଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମ ସମ୍ପାଦକ ବିନୋଦ ବିହାରୀ ମହାନ୍ତି ସଭା ପରିଚାଳନା ଓ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଭାଙ୍ଗିଦେଲେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ

ପଟ୍ଟାମୁଣ୍ଡାଇ,୫।୫(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାକୁ ବାତ୍ୟା ଭୟ ଲାଗି ରହିଛି। ଅନ୍ୟପକ୍ଷେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନେ ଆଶ୍ରୟ ନେବାକୁ ୨୦ବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଅଳପୁଆ ହାଇସ୍କୁଲ ପରିସରରେ ନିର୍ମାଣ କରାଯାଇଥିଲା ଏକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ। ଏହାକୁ ଏବେ ଭାଙ୍ଗି ଦିଆଯାଇଛି। ସମ୍ଭାବ୍ୟ ବାତ୍ୟା ନେଇ ଆଲୋଚନା ଚାଲିଥିବା ବେଳେ ସ୍ଥାନୀୟ ଲୋକେ କେଉଁଠାରେ ଆଶ୍ରୟ ନେବେ ଚିନ୍ତାରେ ପଡିଛନ୍ତି।

୧୬ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମାଣ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳର ରକ୍ଷଣାବେକ୍ଷଣ, ମରାମତି ଅଭାବରୁ ଜରାଜୀର୍ଣ୍ଣ ଓ ବିପଦସଙ୍କୁଳ ଅବସ୍ଥାରେ ଥିଲା। ବାତ୍ୟା ଆଶ୍ରୟସ୍ଥଳ ଗୃହଟି ନିର୍ମାଣ ହେବା ପରେ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଥିରେ ପାଠ ପଢିବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଞ୍ଚଳବାସୀ ଆଶ୍ରୟ ନେଉଥିଲେ। କିନ୍ତୁ ଗୃହ ନିର୍ମାଣ ସମୟରେ ନିମ୍ନମାନର କାର୍ଯ୍ୟ ଓ ପରବର୍ତ୍ତୀ ସମୟରେ ମରାମତି ଅଭାବରୁ ଏହି ଗୃହଟି ବିପଦସଙ୍କୁଳ ଅବସ୍ଥାରେ ଥିଲା। ଏହାର ମରାମତି କରି ପୁଣି କାର୍ଯ୍ୟକ୍ଷମ କରାଯିବାକୁ ଧୋୟାଞ୍ଚଳବାସୀଙ୍କ ପକ୍ଷରୁ ବ୍ଲକ ଓ ଜିଲା ପ୍ରଶାସନକୁ ବାରମ୍ବାର ଅନୁରୋଧ କରାଯାଇ ଆସୁଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠୀ ଭଳି ପ୍ରତୀୟମାନ ହେଉଥିବା ଏହି ବାତ୍ୟା ଆଶ୍ରୟସ୍ଥଳରେ ଲୋକମାନେ ଆଶ୍ରୟ ନେବାକୁ ସୁରକ୍ଷିତ ମଣୁ ନ ଥିଲେ। ବାତ୍ୟା ଆଶ୍ରୟସ୍ଥଳ ଗୃହର କାନ୍ଥ ଓ ଛାତର ବିଭିନ୍ନ ସ୍ଥାନରୁ ସିମେଣ୍ଟ ଖସି ପାଣି ଝରୁଥିଲା। ଏଥିପ୍ରତି କେହି କର୍ଣ୍ଣପାତ ନ କରିବାରୁ ଏହା ଆଶ୍ରୟସ୍ଥଳର ମରାମତି ହୋଇ ପାରି ନ ଥିଲା। ମାତ୍ର ୧୮ ବର୍ଷ ତଳେ ନିର୍ମାଣ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳଟିର ଏଭଳି ଅବସ୍ଥା ଏହାକୁ ନିର୍ମାଣ କରିଥିବା ସଂସ୍ଥାର ସାଧୁତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରେ ନିର୍ମାଣ କରାଯାଇଥିବା ଏହି ବାତ୍ୟା ଆଶ୍ରୟସ୍ଥଳର କାର୍ଯ୍ୟରେ କରାଯାଇଥିବା ବ୍ୟାପକ ଠକେଇର ତଦନ୍ତ କରାଯିବା ଦରକାର। ଏଠାରେ ନୂତନ ଭାବେ ଏକ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବା ନେଇ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ହଠାତ୍ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ଜଣେ ପୂର୍ବତନ ସରପଞ୍ଚ ଏହି ବାତ୍ୟା ଆଶ୍ରୟସ୍ଥଳକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ। ସେଥିରେ ଲାଗିଥିବା କବାଟ, ଝରକା ଓ କାନ୍ଥରେ ବ୍ୟବହୃତ ଇଟାକୁ ବୋହି ନେଇଗଲେ। ଏବେ ବାତ୍ୟା ଆଶ୍ରୟସ୍ଥଳ ସ୍ଥାନରେ କୌଣସି ଚିହ୍ନବର୍ଣ୍ଣ ନାହିଁ। ଏହି ବାତ୍ୟା ଆଶ୍ରୟସ୍ଥଳକୁ ଭାଙ୍ଗି ଦିଆଯିବା ନେଇ ବ୍ଲକ ପ୍ରଶାସନ କାହିଁକି ନିଷ୍ପତ୍ତି ନେଲା ତାହା ସମସ୍ତଙ୍କୁ ଅନ୍ଧାରରେ ରଖିଛି। ତେବେ ଭଙ୍ଗା ଯାଇଥିବା ସ୍ଥାନରେ ଅନ୍ୟ ଏକ ନୂତନ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବାର ଆବଶ୍ୟକତାକୁ ରାଜ୍ୟ ସରକାର କେବେ ହୃଦୟଙ୍ଗମ କରିବେ ତାହା ଦେଖିବାକୁ ବାକି ରହିଲା।

## ଜିଲାବାସୀଙ୍କୁ ଡରାଉଛି ସମ୍ଭାବ୍ୟ ସାମୁଦ୍ରିକ ଝଡ଼

କେନ୍ଦ୍ରାପଡ଼ା ଅଫିସ, ୫।୫

୧୯୯୯ ମସିହା ମହାବାତ୍ୟା ପରଠାରୁ ବାତ୍ୟା ନାଁ ଶୁଣିଲେ ଉପକୂଳ ଜିଲାବାସୀ ଭୟଭୀତ ହୋଇପଡିଥାନ୍ତି। ଗୁରୁବାର ପାଣିପାଗ ବିଶେଷଜ୍ଞ ଓ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସମ୍ଭାବ୍ୟ ସାମୁଦ୍ରିକ ଝଡ ନେଇ ସୂଚନା ପରେ କେନ୍ଦ୍ରାପଡ଼ା ଜିଲାବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଡାଲୁଅ ଫସଲ ଅମଳ ହୋଇ ନ ଥିବା ସମୟରେ ଏହି ସାମୁଦ୍ରିକ ଝଡ଼ ଆର୍ଥିକ ପରିସ୍ଥିତିକୁ ଆହୁରି ଦୁର୍ବଳ କରିବ ବୋଲି ଲୋକେ ଆକଳନ କରୁଛନ୍ତି। ତେବେ ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ପ୍ରତି ପଞ୍ଚାୟତରେ ସଚେତନତା ସୃଷ୍ଟି ସହ ଶୂନ୍ୟ ମରଣ ଯୋଜନା କାର୍ଯ୍ୟକାରୀ ହେବ ବୋଲି ପ୍ରସ୍ତୁତିରେ ଅଛନ୍ତି। ସାମୁଦ୍ରିକ ଝଡ ସମ୍ପର୍କରେ ଜିଲା ଜରୁରିକାଳୀନ ଅଧିକାରୀ ହେମଲତା ବାହାଲିଆ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଜିଲାର ପ୍ରତି ବ୍ଲକ ଅଞ୍ଚଳରେ ପ୍ରଶାସନିକ ସ୍ତରରେ ବୈଠକ ସହ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଏଥିରେ ସାମିଲ କରାଯାଉଛି। ବିଶେଷକରି ପାନୀୟ ଜଳ, ବିଦ୍ୟୁତ୍, ଗମନାଗମନ ଆଦିକୁ ସୁବ୍ୟବସ୍ଥିତ କରାଯିବାକୁ ବ୍ୟବସ୍ଥା ହୋଇଛି। ଏଥିସହ ଜଳସମ୍ପଦ ବିଭାଗ, ଅଗ୍ନିଶମ ବିଭାଗକୁ ବିପର୍ଯ୍ୟୟର ମୁକାବିଲା ପାଇଁ ସଜାଗ କରାଯାଇଛି। ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ସ୍ୱତନ୍ତ୍ର ଟିମ ଗଠନ ହୋଇଛି। ଏହାକୁ ପ୍ରଶାସନିକ ଅଧିକାରୀମାନେ ତଦାରଖ କରୁଛନ୍ତି। ସମ୍ଭାବ୍ୟ ବାତ୍ୟା ଓ ପରବର୍ତ୍ତୀ ସମୟ ପାଇଁ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟକୁ ସଜାଗ କରାଯାଇଥିବା ସେ ପ୍ରକାଶ କରିଛନ୍ତି।

## ବଜ୍ରପାତରେ ଜଳିଗଲା ଘର

ଆଳି,୫।୫(ଡି.ଏନ.ଏ.)



କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କୋଳିଡିହ ପଞ୍ଚାୟତ ଚନ୍ଦନନଗର ଗାଁରେ ଗୁରୁବାର ବଜ୍ରପାତ ଯୋଗୁ ଖଗେଶ୍ୱର ଜେନାଙ୍କ ଘର ଜଳିଯାଇଛି। ଅପରାହ୍ଣରେ ହଠାତ ଆଳି ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ପ୍ରବଳ ବର୍ଷା ପବନ ହେବା ସଙ୍ଗେସଙ୍ଗେ ବଜ୍ରପାତରେ ଜେନାଙ୍କ ଘର ଜଳିଯାଇଛି। ଘଟଣାସ୍ଥଳରେ ଆଳି ଦମକଳ ବାହିନୀ ପହଞ୍ଚି ଓ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଘରେ ଥିବା ସମସ୍ତ ଆସବାବପତ୍ର ସେତେବେଳକୁ ପୋଡି ଛାରଖାର ହୋଇ ଯାଇଥିଲା।

## ଗୋରେଖନାଥ ଯଜ୍ଞ କମିଟି କାମରେ ବାଧା

ରଘୁନାଥପୁର,୫।୫(ଡି.ଏନ୍.ଏ.)

ଜଗତ୍ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଦୀର୍ଘ ୨ବର୍ଷପରେ ଅକ୍ଷୟ ତୃତୀୟାଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି। ଏ ନେଇ ଦେବତ୍ତୋର ବିଭାଗ ପକ୍ଷରୁ ସ୍ଥାନୀୟ ବୁଦ୍ଧିଜୀବୀ, ରଘୁନାଥପୁର ତହସିଲଦାର ଓ ତିର୍ତ୍ତୋଲ ଆଇଆଇସିଙ୍କୁ ନେଇ ଏକ ୯ ଜଣିଆ ଯଜ୍ଞ କମିଟି ଗଠନ କରାଯାଇଛି। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯଜ୍ଞ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ଚାଲିଛି। ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ହାସଲ ପାଇଁ ଯଜ୍ଞ କମିଟି କାର୍ଯ୍ୟରେ ବାଧା ଉପୁଯାଇବାକୁ ମସୁଧା କରୁଛନ୍ତି। ସେମାନେ ଯଜ୍ଞ କମିଟିର ଭଲ କାମକୁ ସହି ନ ପାରି ପ୍ରତ୍ୟେକ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଛନ୍ତି। ହେଲେ ସେହି ଗୋଷ୍ଠୀର ଏଭଳି ଚକ୍ରାନ୍ତକୁ ସ୍ଥାନୀୟ ଅଧିବାସୀ ଓ ସେବକଙ୍କ ପକ୍ଷରୁ ନାପସନ୍ଦ କରାଯାଉଛି। ଆଗନ୍ତୁକ ଯାତ୍ରୀଙ୍କ ସମାଗମକୁ ଲକ୍ଷ୍ୟ ରଖି ଯଜ୍ଞ କମିଟି ପକ୍ଷରୁ ପୋଖରୀରେ ମୋଟର ଦ୍ୱାରା ପାଣି ପୁରାଯିବା ନିଷ୍ପତ୍ତିକୁ ଉକ୍ତ ଗୋଷ୍ଠୀର ଜଣେ ବ୍ୟକ୍ତି ବାରଣ କରିବାରୁ ମତାନ୍ତର ସୃଷ୍ଟି ହୋଇଛି। ପରସ୍ପର ମଧ୍ୟରେ ଏଭଳି ବିଶୃଙ୍ଖଳା ଲାଗି ରହିଲେ ପୀଠର ସୁନାମରେ ଆଞ୍ଚ ଆସିବା ସହ ଶ୍ରଦ୍ଧାଳୁଙ୍କ ଭାବନାରେ ଆଘାତ ଲାଗିବ ବୋଲି ଗ୍ରାମବାସୀ ରମେଶ ମହାନ୍ତି, ନରେନ୍ଦ୍ର ଦାସ, ମୁରଲୀଧର ବିଶ୍ୱାଳ ଜିଲାପାଳ ଓ ଦେବତ୍ତୋର ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷେ ଏମାନଙ୍କ ଲାଗି ପ୍ରଭୁଙ୍କ ସେବାନୀତି କାର୍ଯ୍ୟ ଠିକ୍ ଭାବେ କରାଯାଇପାରୁନାହିଁ ବୋଲି ପୂଜକ ଜ୍ଞାନରଞ୍ଜନ ପଣ୍ଡା ଓ କୈଳାସ ଚନ୍ଦ୍ର ଦାଶ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋରେଖନାଥ ପୀଠର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜାଙ୍କୁ ପଚାରିବାରେ ସବୁକିଛି ଠିକ୍ଠାକ୍ ଚାଲିଛି। ସେ ନିଜେ ଯଜ୍ଞ କମିଟିର ପରାମର୍ଶଦାତା ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ତେବେ କେତେଜଣ ବ୍ୟକ୍ତିଙ୍କ ଅଯଥା ପ୍ରଶ୍ରୟକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ପରିଜା କହିଛନ୍ତି। ପୀଠ ବାହାରେ ଶୃଙ୍ଖଳି ଭୋଗ ଦୋକାନ କରିଥିବା ଦୋକାନୀମାନେ ଜୋରଜବରଦସ୍ତ ଶ୍ରଦ୍ଧାଳୁଙ୍କୁ ଭୋଗ ବିକ୍ରି କରୁଛନ୍ତି। ଫଳରେ ପୀଠ ଭିତରେ ଟେଣ୍ଡର ନେଇ ଭୋଗ ଦୋକାନ କରିଥିବା ବ୍ୟବସାୟୀ କ୍ଷତି ସହିବାକୁ ପଡୁଛି। ୩ଟି ଗେଟର ବାହାରର ଭୋଗ ଭିତରକୁ ପୂରାଇ ନ ଦେବା ପାଇଁ ସୁରକ୍ଷା ବ୍ୟବସ୍ଥା କରିବା ସମ୍ପର୍କରେ କୁହାଯିବା ସହ ଏହାର ପାରିଶ୍ରମିକ ବାବଦରେ ପୀଠ ପ୍ରଶାସନ ଦେବ ବୋଲି ଅଧିକାରୀ ପରିଜା ପ୍ରକାଶ କରିଛନ୍ତି।


ଯଜ୍ଞ ଚାଲିଥିବାରୁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ପକ୍ଷୀଙ୍କ ଶୋଷ ମେଣ୍ଟାଉଛି ଚୁଆ ପାଣି

### ଗଭୀର ଜଳସ୍ତର ନିମ୍ନଗାମୀ

ମହାକାଳପଡ଼ା, ୫।୫(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ କେତେ ସପ୍ତାହ ହେଲା ବୈଶାଖ ମାସର ଖରା ଓ ଭୀଷଣ ଗୁଳିଗୁଳି ସହ ଗରମ ଅନୁଭୂତ ହେଉଛି। ସ୍ଥାନୀୟ ଅଞ୍ଚଳରେ ନଦୀଗୁଡିକର ପାଣି ଲୁଣିଆ ହୋଇଥିବାରୁ ଖାଲ, ପାଟିଆ, ଯୋର, ଗଡିଆ, ପୋଖରୀ, ଗଭୀର କୂପ ଆଦିର ଜଳସ୍ତର ନିମ୍ନଗାମୀ ଯୋଗୁ ଶୁଖିଲା ପଡ଼ିଛି। ଜଙ୍ଗଲୀ ଜନ୍ତୁ, ପଶୁ ପକ୍ଷୀ ଆଦି ପିଇବା ପାଣି ମୁନ୍ଦେ ପାଇଁ ତହଳ ବିକଳ ହେଉଛନ୍ତି। ଯେଉଁ ଅଞ୍ଚଳରେ ଗଡିଆ, ପୋଖରୀ, ଚୁଆ ଆଦିରେ ମଧୁର ପାଣି ମୁନ୍ଦେ ଅଛି ସେଠାରେ ପକ୍ଷୀମାନେ ଚାତକ ପରି ଚାହିଁ ବସିଛନ୍ତି। ନିଜ ନିଜ ମଧ୍ୟରେ ପାଣି ପିଇବାକୁ ପ୍ରତିଯୋଗିତା ଚାଲିଥିବା ଦେଖିବାକୁ ମିଳୁଛି। ପକ୍ଷୀମାନଙ୍କ ମଧ୍ୟରେ ଗେଣ୍ଡାଳିଆ, ବଗ, ପାଣିକୁଆ, କାମ ଚଢ଼େଇ, ମାଛରଙ୍କା, ଦା ବେଣ୍ଟିଆ, ଟେଇଁ ଟେଇଁ ଟେଇଁଆ, ଅନ୍ଧାରୁଆ ବଗ, ପାଣି ହଂସ ଆଦି ପକ୍ଷୀଗୁଡ଼ିକ ଏବେ ଚୁଆପାଣିକୁ ଭରସା କରିଛନ୍ତି। ବନ ବିଭାଗ ପକ୍ଷରୁ ଜଙ୍ଗଲୀ ଜନ୍ତୁ ଓ ପଶୁ ପକ୍ଷୀମାନଙ୍କ ପାଇଁ ଜଙ୍ଗଲ ମଧ୍ୟରେ ଛୋଟ ଛୋଟ ଚୁଆ ଆଦି ଖନନ ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ତାହା ଏଯାବତ ଖନନ ହୋଇ ନ ଥିବା ଅଭିଯୋଗ ହେଉଛି। ଫଳରେ ନଦୀରୁ ମାଛ, କୀଟ ପତଙ୍ଗ ଓ ଜଙ୍ଗଲ ଚୁଆରୁ ପାଣି ପିଇ ଜଙ୍ଗଲ ମଧ୍ୟରେ ବସବାସ କରୁଥିଲେ। ଜଙ୍ଗଲ ମଧ୍ୟରେ ପାଣି ପିଇବାକୁ କୌଣସି ବ୍ୟବସ୍ଥା ନ ଥିବାରୁ ପକ୍ଷୀ ଓ ଜୀବଜନ୍ତୁମାନେ ଗାଁ ମୁହାଁ ହୋଇ ଖାଲ ଓ ଚୁଆରୁ ଶୋଷ ମେଣ୍ଟାଇବାକୁ ଭିଡ଼ ଜମାଉଛନ୍ତି। ଯେହେତୁ ଗ୍ରାମାଞ୍ଚଳଗୁଡ଼ିକରେ ପକ୍ଷୀମାନଙ୍କ ଭିଡ଼ ଜମୁଛି ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଶିକାରୀମାନଙ୍କ ଲୋଲୁପ ଦୃଷ୍ଟି ଏବେ ପକ୍ଷୀମାନଙ୍କ ଉପରେ ପଡିଛି। କେବେ କେବେ ଏହି ନିରୀହ ପକ୍ଷୀମାନଙ୍କ ମଧ୍ୟରେ ଶିକାରୀମାନେ ଫାଶ ଓ ବିଷ ଦେଇ ଶିକାର କରୁଥିବା ଅଭିଯୋଗ ହେଉଛି। ବ୍ଲକର କଣ୍ଟିଲୋ ସଂରକ୍ଷିତ ଜଙ୍ଗଲ ନିକଟ ଭାଟେଣୀ ଗ୍ରାମସ୍ଥିତ ଗହୀରପାଟର ଚୁଆ ନିକଟରେ ପକ୍ଷୀମାନଙ୍କ କୋଳାହଳ ଦେଖିବାକୁ ମିଳିଛି। ସେହିପରି ବତୀଘର, କଂସାରଡିଆ, ଶଙ୍ଖଚିଲ, ଶାସନପେଟା, କଣ୍ଡରାପାଟିଆ ଆଦି ସ୍ଥାନର ଚୁଆଗୁଡ଼ିକରେ ପାଣି ପିଇବାକୁ ପକ୍ଷୀମାନଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ମହାକାଳପଡ଼ା ବନାଞ୍ଚଳ ଅଧିକାରୀ ସାହାଜୀ ଚରଣ ବିଶ୍ୱାଳଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ଭାଟେଣି ଗାଁ ନିକଟ ଚୁଆ ପାଖରେ ପାଣି ପିଇବାକୁ ପକ୍ଷୀଙ୍କ ଭିଡ଼।

## ସଂକ୍ଷେପରେ

### ରାହାଡ଼ପୁର ପାହାଡ଼ରୁ ଟ୍ରାକ୍ଟର, ୩ କମ୍ପ୍ରେସର ଜବତ

**ଧର୍ମଶାଳା/ଚଢ଼େଇଧରା,୫।୫(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅଧୀନ ରହାଡ଼ପୁର କଳାପଥର ଖାଦାନରେ ବେଆଇନ ଭାବେ ଚାଲିଥିବା ୩ଟି କମ୍ପ୍ରେସର ମେଶିନ ଓ ଏକ ଟ୍ରାକ୍ଟରକୁ ତହସିଲ ପକ୍ଷରୁ ଜବତ କରାଯାଇଛି। ଗୁରୁବାର ଜିଲାପାଳଙ୍କ ଦ୍ୱାରା ଗଠିତ ଟାକ୍ସଫୋର୍ସ ଟିମ୍ ଧର୍ମଶାଳା ତହସିଲଦାରଙ୍କ ନେତୃତ୍ୱରେ ଡଙ୍କାରୀ ପାହାଡ଼ରେ ମାପଚୁପ ସାରି ଫେରୁଥିଲେ। ଏହି ସମୟରେ ରାହାଡ଼ପୁର ପାହାଡ଼ରେ ୩ଟି କମ୍ପ୍ରେସର ଖନନ କରୁଥିବାବେଳେ ଏକ ଟ୍ରାକ୍ଟର ଛିଡ଼ା ହୋଇଥିବା ଦେଖିଥିଲେ। ଜବତ କମ୍ପ୍ରେସର ଓ ଟ୍ରାକ୍ଟରକୁ ଚଢ଼େଇଧରା ପୋଲିସ୍ ଚେକପୋଷ୍ଟରେ ରଖାଯାଇଛି। ସେଗୁଡ଼ିକରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ସ୍ୱାଗତ ଦାସ ସୂଚନା ଦେଇଛନ୍ତି। ତେବେ ଦୈନନ୍ଦିନ ରାହାଡ଼ପୁର ପାହାଡରେ ଏଭଳି ବେଆଇନ ଖନନ ହେଉଥିବା ନେଇ ସ୍ଥାନୀୟ ଲୋକେ ତହସିଲ ପ୍ରଶାସନକୁ ଅଭିଯୋଗ କଲେ ମଧ ତହସିଲଦାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବରଡ଼ାରୁ ବିଛାଖଣ୍ଡି ପାହାଡ଼ ପର୍ଯ୍ୟନ୍ତ ବେଆଇନ ଖନନ କରାଯାଉଛି। ତହସିଲଦାର ଏଥିପ୍ରତି ମଧ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ସୃଜନ ସମୀକ୍ଷା ପୁସ୍ତକ ଉନ୍ମୋଚିତ

**ଧର୍ମଶାଳା,୫।୫(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଶାନ୍ତି ବଜାରସ୍ଥିତ ସମ୍ରାଟ ମଣ୍ଡପଠାରେ କବି ଡ. ରାଜକିଶୋର ପଢ଼ୀଙ୍କ ସାହିତ୍ୟ କୃତି ଓ ଜୀବନୀ ଉପରେ ଆଧାରିତ ସୃଜନ ସମୀକ୍ଷା ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ସମାଲୋଚନା ସାହିତ୍ୟର 'ଆକାଶ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ସମାଲୋଚକ ସୃଷ୍ଟିକୁ ଚିହ୍ନେ ଓ ଶ୍ରଷ୍ଟାକୁ ଚିହ୍ନାଏ। ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବେଣୁଧର ପାଢ଼ୀ ଯୋଗଦେଇ ସମାଲୋଚକର ଦୃଷ୍ଟି ଅର୍ଜୁନର ତୀର ଭଳି ପାଠକଙ୍କ ଆଗରେ ଉପସ୍ଥାପିତ କରେ ବୋଲି ମତବ୍ୟକ୍ତ କରିଥିଲେ। ସୃଜନ ସମୀକ୍ଷାର ସମ୍ପାଦକ ମହେଶ୍ୱର ପାଢ଼ୀ ପୁସ୍ତକ ସମ୍ପର୍କରେ ଆଲୋଚନା କରିବା ସହ ସ୍ୱାଗତ ଜଣାଇଥିଲେ। କବୟିତ୍ରୀ ପଦ୍ମଜା ଶରଣ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ପ୍ରେମଲତା ମହାରଣା ମଞ୍ଚ ପରିଚାଳନା କରିଥିଲେ। କବି ଡ. ରାଜକିଶୋର ପାଢ଼ୀ ତାଙ୍କ ସାହିତ୍ୟ ରଚନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧାପିକା ବୀଣା ମିଶ୍ର ଅତିଥିଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଡ. ବିଧୁଭୂଷଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଠିକାଦାରଙ୍କ ସ୍ୱାର୍ଥରେ ଏମ୍ଆଇପି

**ଯାଜପୁର ଅଫିସ/ ରଗଡ଼ି(ଡି.ଏନ.ଏ.),୫।୫**

■ ୨୩ ପ୍ରକଳ୍ପରେ କ୍ରିଟିକାଲ ପାଣ୍ଠି ଆତ୍ମସାତ୍ ପାଇଁ ଯୋଜନା
■ ସେଚ ଜମିର ବାସ୍ତବ ଚିତ୍ର ଅସ୍ପଷ୍ଟ

ପାଣି ଅଭାବରୁ ଚାଷ କ୍ଷତିଗ୍ରସ୍ତ ହେଲେ ଚାଷୀଙ୍କ ଆଖିରୁ ଲୁହ ଝରେ। ଚାଷୀ ପରିବାରରେ ଆର୍ଥିକ ସଙ୍କଟ ଦେଖାଦିଏ। ଚାଷ ପାଇଁ ଜରୁରୀ ଆବଶ୍ୟକ ପାଣି। ସେଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି । ମାତ୍ର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମଆଇପି)ର କ୍ଷୁଦ୍ର ନୀତି ଏବଂ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ କାର୍ଯ୍ୟ ପ୍ରତି ଆନ୍ତରିକତା ଅଭାବ ସମେତ ଠିକାଦାରୀ ରାଜନୀତି ଯୋଗୁ ଏହି ବ୍ୟବସ୍ଥା ଲକ୍ଷ୍ୟଚ୍ୟୁତ ହୋଇଛି। ଏପରି ନିଛକ ଉଦାହରଣ ଦେଖିବାକୁ ମିଳୁଛି ଯାଜପୁର ଜିଲାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ। ରକ୍ଷଣାବେକ୍ଷଣ ପାଇଁ ଆସିଥିବା ଅନୁଦାନକୁ ଉପଯୁକ୍ତ ଭାବେ ବିନିଯୋଗ କରାଯାଉ ନ ଥିବାରୁ ଜଳସେଚନ ବ୍ୟବସ୍ଥାରେ ବାଧା ସୃଷ୍ଟି ହୋଇଛି।

ବିଭାଗୀୟ ତଥ୍ୟ ଅନୁଯାୟୀ, ଯାଜପୁର ଜିଲାର ୧୦ରୁ ୯ ବ୍ଲକରେ ୫୮ଟି ଏମ୍ଆଇପି ରହିଛି। ଏଥିରେ ୮୦୯୧ ହେକ୍ଟର ଜମିରେ ଜଳସେଚନ ହୋଇଥାଏ ବୋଲି ବିଭାଗ ପକ୍ଷରୁ ଦାବି କରାଯାଉଛି। ସରକାର ଆଖିବୁଜି ଏହି ରିପୋର୍ଟକୁ ଗ୍ରହଣ କରି ନେଉଥିବାରୁ ସେଚ ଜମିର ବାସ୍ତବ ଚିତ୍ର ସବୁବେଳେ ଅସ୍ପଷ୍ଟ ରହୁଛି । ଏହାବାଦ୍ ଜିଲାରେ କ୍ରିଟିକାଲ ପାଣ୍ଠିରୁ ୪ କୋଟି ବିନିଯୋଗରେ ୨୩ ଟି ନିର୍ମାଣାଧୀନ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ସେହି ଅଞ୍ଚଳର ଚାଷୀଙ୍କ ଜଳସେଚନ ଆଶା ମଉଳି ଯାଇଛି। ଠିକାଦାର ଓ ଯନ୍ତ୍ରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଅନୁଦାନର ସିଂହଭାଗ ଅର୍ଥ ବାଟମାରଣା ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲାର କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତ ପରମାନନ୍ଦପୁର (ବନ୍ଧଡିହ)ଗ୍ରାମରେ ଥିବା ବଡବନ୍ଧ ଏମ୍ଆଇପିରେ ବିଭିନ୍ନ ଅନିୟମିତତାକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଗତ ପ୍ରାୟ ୪ ବର୍ଷ ହେଲା ଏହି ପ୍ରକଳ୍ପର ମରାମତି ନାମରେ ବିପୁଳ ପରିମାଣର ଅର୍ଥ ହରିଲୁଟ ହେଉଥିବା ଚର୍ଚ୍ଚା ହେଉଛି। ବନ୍ଧରୁ ନିର୍ଗତ ହେଉଥିବା ଜଳକୁ ନିଷ୍କାସନ ପାଇଁ ପୂର୍ବରୁ ନିର୍ମାଣ ହୋଇଥିବା ୩୦୦ ମିଟର ଡ୍ରେନେଜ ମରାମତି ନିମନ୍ତେ ବିଭାଗ ପକ୍ଷରୁ ବିପୁଳ ପରିମାଣର ଟଙ୍କା ମଞ୍ଜୁର କରାଯାଉଛି। ଏହି ଡ୍ରେନେଜକୁ ୩ ଥର ଗଢ଼ି ଓ ଭାଙ୍ଗି ମରାମତି ନାମରେ


କୋରେଇ ବ୍ଲକ ଅଧୀନ ପରମାନନ୍ଦପୁରରେ ନିର୍ମାଣାଧୀନ ଏମ୍ଆଇପି।

ଏକାଧିକ ଠିକାଦାର ଲକ୍ଷାଧିକ ଟଙ୍କା ହରିଲୁଟ କରିଥିବା ଗ୍ରାମବାସୀ କହିଛନ୍ତି। ହେଲେ ଚାଷୀଙ୍କ ଜମିକୁ ବୁନ୍ଦାଏ ବି ପାଣି ମାଡି ପାରିନାହିଁ। ଏଥିରେ ଗୁପ୍ତ ଟେଣ୍ଡର କରି ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତରେ ଏହାକୁ ପୁନଃନିର୍ମାଣ କରିବାରେ କାହା ସ୍ୱାର୍ଥ ସାଧନ ହେଉଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୁଖ୍ୟତଃ ପରମାନନ୍ଦପୁର, କଡମା, କୋରେଇ, ଗଡ଼ିଆ ଆଦି ଗ୍ରାମର ଚାଷୀମାନେ ଏହି ଏମ୍ଆଇପି ଓ ଡ୍ରେନେଜ ଉପରେ ପ୍ରାୟ ୫୦ ଏକର ଜମିରେ ଜଳସେଚନ ଆଶା ରଖିଛନ୍ତି। ଏ ସଂକ୍ରାନ୍ତରେ ଚାଷୀ ଶରତ ଓଝା କୁହନ୍ତି, ବଡବନ୍ଧ ଏମ୍ଆଇପି ଠିକ୍ ଭାବେ ଖନନ କରାଯାଇ ଉପଯୁକ୍ତ ଭାବେ ଡ୍ରେନେଜ ନିର୍ମାଣ କରାଗଲେ କଡ଼ମା ଓ ପରମାନନ୍ଦପୁର ଗ୍ରାମର ଶତାଧିକ ଚାଷୀ ଉପକୃତ ହୋଇ ପାରନ୍ତେ । ଚାଷୀ ନାଣ୍ଟୁ ଭୋଇ କୁହନ୍ତି, ସରକାର ଚାଷୀମାନଙ୍କ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ତାହା ଠିକ୍ କାମରେ ଲାଗୁଛି କି ନାହିଁ ତାହା ଜାଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଫଳରେ ଚାଷୀଙ୍କ ବଦଳରେ ଠିକାଦାର ଓ ସରକାରୀ ଅଫିସର ଏହାର ଫାଇଦା ଉଠାଉଛନ୍ତି ।

୨୦୨୦-୨୧ ବର୍ଷରୁ ଜିଲାର ବଡଚଣା ବ୍ଲକ ବରୁଣାଇ ଟ୍ୟାଙ୍କ, ଗୁଲିଜୋର ନଗର, ଅମିତ ସାଗର ଓ କୋହ୍ଲୁଆ ପୋଖରୀ, ବିଞ୍ଝାରପୁର ବ୍ଲକର ହନୁମନ୍ତିଆ, ଜୋକେଇ, କାକୁଡିଆ, ଖରିଆ, ନଓା ଓ ତନ୍ତରା, ଦାନଗଦି ବ୍ଲକର ବେଣାପାଟିଆ, ଭୁବନେଦେଇବନ୍ଧ, ଚମ୍ପାଝରନ, ଧବଳି, ଫୁଲଝର ଓ କବାଟି, ଧର୍ମଶାଳା ବ୍ଲକର ବଜ୍ରଗିରି, ବରମନ ଓ ବେଣାଝର, କୋରେଇ ବ୍ଲକର ଜହ୍ମା, ରସୁଲପୁର ବ୍ଲକର ମନ୍ତେରି ଏବଂ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକର ବନ୍ଧକଟା ଓ ପଟ୍ଟାମୁଣ୍ଡାଇ ବ୍ଲକର ଜଗଦାଟ୍ୟାଙ୍କ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏହିସବୁ ପ୍ରକଳ୍ପ ଉପଯୁକ୍ତ ଭାବେ ନିର୍ମାଣ ହେଲେ ୨୩୭ ହେକ୍ଟର ଜମିରେ ପାଣି ମାଡିବ ବୋଲି ପରିକଳ୍ପନା କରାଯାଇଛି। ଗତ ଜାନୁୟାରୀ ସୁଦ୍ଧା ଏଥିରେ ୧୫୪.୭୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଗତ ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଥିଲା। ହେଲେ ଏଯାଏ ପ୍ରାୟ ୨୫% କାମ ବି ହୋଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ସଂପୃକ୍ତ ମେଶିନରେ ରାମ୍ପିଦେଇ ଆବଣ୍ଟିତ ଅର୍ଥକୁ ଚଳୁ କରିବାକୁ ମସୁଧା ଚଳାଇଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଏମ୍ଆଇପିର ନିର୍ବାହୀ ଯନ୍ତ୍ରୀ ଜି.ରାମକୃଷ୍ଣନ୍‌ଙ୍କୁ ତାଙ୍କ ମୋବାଇଲ ନଂ. ୮୭୬୩୧୮୪୩୧୨କୁ ଗୁରବାର ସନ୍ଧ୍ୟା ୬ଟା୪୦ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ କଲ ଗ୍ରହଣ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଅତିଷ୍ଠ କରୁଛି ଅଘୋଷିତ ବିଦ୍ୟୁତ୍ କାଟ୍

**କାଳିଆପାଣି,୫।୫(ଡି.ଏନ.ଏ.)**

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ତେଣୁ ଏହି ସମୟରେ ବିଦ୍ୟୁତ୍ କାଟ ବନ୍ଦ କରିବାକୁ ସରକାର ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହା ସତ୍ତ୍ୱେ ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଫଳରେ ଲୋକେ ଏଥିଯୋଗୁ ଅତିଷ୍ଠ ହୋଇ ପଡୁଛନ୍ତି। ଯାହାର ଉଦାହରଣ କାଳିଆପାଣି ଅଞ୍ଚଳରେ ଦେଖିବାକୁ ମିଳିଛି। ଏଠାରେ ଡୁବୁରୀ ସେକ୍ସନ ଗ୍ରୀଡ୍‌ରୁ ୩୫ କିମି ଦୂର କଲରଙ୍ଗୀ ଗ୍ରାମ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ କରାଯାଇଛି। ଏଥିରେ ଆନୁମାନିକ ୫୦ ହଜାର ଉପଭୋକ୍ତା ରହିଛନ୍ତି। ତେବେ ବୁଧବାର ସନ୍ଧ୍ୟାରେ ଗାଁସୋଳ ପଞ୍ଚାୟତ ଗାଁସୋଳ ଗ୍ରାମର ମହାନ୍ତ ସାହି ଟ୍ରାନ୍ସ ଫରମରରୁ ଫିଉଜ କଟିଯାଇଥିଲା। ଫଳରେ ମହାନ୍ତସାହି ସମ୍ପୂର୍ଣ୍ଣ ଅନ୍ଧାର ହୋଇ ଯାଇଥିଲା। ତେଣୁ ଅନେକ ଉପଭୋକ୍ତା ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଫୋନ୍ କରି ସମସ୍ୟା ଜଣାଇଥିଲେ। ଏହି ସମୟରେ ଅଧିକାରୀ କହିଥିଲେ, ଆମେ ବାଲେଶ୍ୱରକୁ ଫୋନ କରିଛୁ। ଆମକୁ ଅନୁମତି ମିଳିଲେ ଶଟ୍‌ଡାଉନ ଦେବୁ। ତା' ପରେ ମରାମତି କରିବୁ। ତେବେ ଏହାପରଠାରୁ ଲୋକେ ଲାଇନମ୍ୟାନଙ୍କୁ ଫୋନ୍ କରି ଚାଲିଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ଫଳରେ ସାରା ରାତି ଲୋକେ ଅନ୍ଧାରରେ ରହିଥିଲେ। ଗୁରୁବାର ସକାଳେ ପାନୀୟ ଜଳ ପାଇଁ ଗାଁ ଲୋକେ ନିକଟସ୍ଥ କୁଅ ପୋଖରୀକୁ ଯାଉଥିବା ଦେଖିବାକୁ ମିଳିଥିଲା। ହେଲ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ଆସି ନ ଥିଲେ। ଅପରାହ୍ନ ୧୨ଟା ପରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ଏହାର ୧୦ ମିନିଟ ପରେ ପୁଣି ବାରମ୍ବାର ବିଦ୍ୟୁତ୍ କାଟ୍ ହୋଇଥିଲା। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ଏସ୍‌ଡିଓ ବିଷ୍ଣୁପ୍ରସାଦ ମହାନ୍ତିଙ୍କୁ ଫୋନ୍ ଯୋଗେ ଯାଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ରିସିଭ୍ କରି ନ ଥିଲେ। ତେଣୁ ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଡଙ୍କାରୀ ପାହାଡ଼ରେ ମିଳିତ ତଦନ୍ତ


ଡଙ୍କାରୀ ପାହାଡ଼ରେ ମାପଚୁପ କରାଯାଉଛି।

**ଧର୍ମଶାଳା/ ଚଢ଼େଇଧରା, ୫।୫(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅନ୍ତର୍ଗତ ବହୁଚର୍ଚ୍ଚିତ ଡଙ୍କାରୀ ପାହାଡ଼ରେ ଗୁରୁବାର ତହସିଲ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ମାପଚୁପ କରାଯାଇଛି। ଖାଦାନରୁ ଲିଜ୍‌ଧାରୀ ଅଧିକ ପରିମାଣର କଳାପଥର ଉତ୍ତୋଳନ କରି ଅନ୍ୟତ୍ର ଚାଲାଣ କରୁଛନ୍ତି। ଫଳରେ ସେମାନେ ମାଲାମାଲ ହେଉଥିବା ବେଳେ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି। ଏହି ବେଆଇନ ଚୋରା ଚାଲାଣକୁ ରୋକିବା ପାଇଁ ଜିଲାପାଳଙ୍କ ଦ୍ୱାରା ଗଠିତ ଟାକ୍ସଫୋର୍ସ ବିଭିନ୍ନ ସମୟରେ ଚଢ଼ାଉ କରି ମାପଚୁପ କରିଥାନ୍ତି। ଏହିକ୍ରମରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି, ଭୂତତ୍ତ୍ୱବିତ ସନ୍ତୋଷୀପ୍ରଭା ସେଠୀ, ପରିବେଶ ଯନ୍ତ୍ରୀ ଦିବ୍ୟଲୋଚନ ମହାପାତ୍ର, ସ୍ଥାନୀୟ ଆର୍‌ଆଇ ମାନସ ବେଜ ଓ ଜଗବନ୍ଧୁ ଜେନା ପ୍ରମୁଖ ଏହି ଟାକ୍ସଫୋର୍ସରେ ସାମିଲ ହୋଇଥିଲେ। ଡଙ୍କାରୀ ପାହାଡ଼ରେ ଲିଜ ଦିଆଯାଇଥିବା ଖାଦାନଗୁଡ଼ିକୁ ମାପଚୁପ କରିବା ସହିତ ଡ୍ରୋନକ୍ୟାମେରା ଦ୍ୱାରା ଫଟୋ ଉତ୍ତୋଳନ କରିଥିଲେ। ତେବେ ରାଜସ୍ୱ ବିଭାଗର ଏହା ଏକ ନିୟମିତ ପ୍ରକ୍ରିୟା ବୋଲି ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶଥାଉକି, ୫୦୦ ଏକର ପରିମିତ ଡଙ୍କାରୀ ପାହାଡ଼ରେ ୯ଟି ଖାଦାନ ରହିଥିବାବେଳେ ମାତ୍ର ୨ଟି ଖାଦାନକୁ ଲିଜ ଦିଆଯାଇଛି। କିନ୍ତୁ ଲିଜ ଦିଆଯାଇ ନ ଥିବା ସଇରାତଗୁଡ଼ିକରୁ ମାଫିଆମାନେ ବେଆଇନ ଭାବେ ପଥର ଉତ୍ତୋଳନ କରିଚାଲିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ଲିଜ ଦିଆଯାଇଥିବା ୨ଟି ସଇରାତକୁ ମାପଚୁପ କରି ଫଟୋ ଉଠାଇ ଆଣିଥିବାବେଳେ ଅନ୍ୟ ସଇରାତଗୁଡ଼ିକୁ ଛାଡ଼ି ଦିଆଯାଉଛି। ଫଳରେ ମାଫିଆଙ୍କ ପାଇଁ ଏହା ପୁଷମାସ ସଦୃଶ ହୋଇଛି। ତେଣୁ ଏଠାରେ ଲିଜ ଦିଆଯାଇ ନ ଥିବା ସଇରାତ ଗୁଡିକୁ ମାପଚୁପ କରି ଲିଜ ପ୍ରଦାନ କରିବାକୁ ଦାବି ହୋଇଛି। ନଚେତ ମାଫିଆ ଲାଭବାନ ହୋଇ ଚାଲିଥିବା ବେଳେ ସରକାର ରାଜସ୍ୱ ହରାଉଥିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### କୂଅରେ ଗଳିପଡ଼ିଥିବା ହାତୀଛୁଆ ଉଦ୍ଧାର

**ଚଣ୍ଡିଖୋଲ,୫।୫(ଡି.ଏନ.ଏ.)**

ଯାଜପୁର ଜିଲା ବୈରୀ ରେଞ୍ଜ ସମିଆ ପଞ୍ଚାୟତ ଅଧୀନ ଦେହୁରୀ ଗଡ଼ା ଗ୍ରାମର ଏକ ଖୋଲା କୂଅରେ ଖସି ପଡ଼ିଥିବା ହାତୀଛୁଆକୁ ବୁଧବାର ରାତିରେ ଉଦ୍ଧାର କରାଯାଇଛି। ବନ ବିଭାଗ ପକ୍ଷରୁ ଜେସିବି ସହାୟତାରେ କୂଅ ଖୋଳା ଯାଇ ହାତୀଛୁଆ ଉଦ୍ଧାର କରାଯାଇଥିଲା। ପରେ ତାହାକୁ କଳି ପାହାଡ଼ର ଜଙ୍ଗଲ ମଧରେ ଛାଡ଼ି ଦିଆଯାଇଛି। ସୂଚନା ଥାଉକି, ସମିଆ ପଞ୍ଚାୟତର କଳି ପାହାଡ଼ରେ ବଣୁଆ ହାତୀ ପଲ ରହିଛନ୍ତି। ସେମାନେ ଦିନ ଓ ରାତିରେ ସ୍ଥାନୀୟ ଗ୍ରାମରେ ପଶି ଫସଲ ନଷ୍ଟ କରିଥାନ୍ତି। ବୁଧବାର ହାତୀପଲ ଆସିଥିବାବେଳେ ଏକ ହାତୀ ଛୁଆ ଏକ ଖୋଲା କୂଅରେ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଜାଣିବା ପରେ ବନ ବିଭାଗକୁ ଖବର ଦେଇଥିଲେ।

### କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**ଧର୍ମଶାଳା,୫।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହେବାରୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବର୍ଷା ସାଙ୍ଗକୁ ପବନ ବହିବା ଫଳରେ ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗିବା ସହିତ ଗଛ ଉପୁଡି ରାସ୍ତା ଉପରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଫଳରେ ଅନେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଚାଳ ଓ ଆଜବେଷ୍ଟସ ଘରର ଛପର ଉଡ଼ିଯାଇଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବା ବେଳେ ତାର ଛିଣ୍ଡିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ପବନ ସହିତ ବର୍ଷା ହେବାରୁ ଡାଲୁଅ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ କାଳବୈଶାଖୀ ଯୋଗୁ କିଛି ଦିନ ହେଲା ଲାଗିରହିଥିବା ଉତ୍ତାପ ଓ ଗୁଳୁଗୁଳିରୁ କିଛି ମାତ୍ରାରେ ତ୍ରାହି ମିଳିଛି।


କାଳବୈଶାଖୀ ପ୍ରଭାବରେ ଗଛ ଉପୁଡ଼ି ପଡ଼ିଛି।

# ପୋତିହୋଇଯିବ ପଟ୍ଟାମୁଣ୍ଡାଇ କେନାଲ

**ଚଣ୍ଡିଖୋଲ,୫।୫(ଡି.ଏନ.ଏ.)**

କଟକ ଜଗତପୁରଠାରୁ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇର ଅଳଭା ପର୍ଯ୍ୟନ୍ତ ଯାଇଥିବା ପଟ୍ଟାମୁଣ୍ଡାଇ କେନାଲ ପ୍ରତି ବିପଦ ସୃଷ୍ଟି ହୋଇଛି। ଯାଜପୁର ଜିଲା ବାଲିଚନ୍ଦ୍ରପୁରଠାରୁ ଦେକୁରୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣରେ ଏହି କେନାଲ ଶଯ୍ୟା ପୋତି ହୋଇଗଲେ କେନ୍ଦ୍ରାପଡ଼ା ପାଇଁ ଜଳସେଚନରେ ବାଧା ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ଏଥିନେଇ ଜଳ ସମ୍ପଦ ବିଭାଗ କିମ୍ବା ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ଆଗାମୀ ଦିନରେ କେନାଲରେ ଜଳ ପରିଚାଳନା ଠିକ୍ ହୋଇପାରିବ ନାହିଁ।

ସୂଚନା ଥାଉକି, ଜଗତପୁରଠାରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ଯାଇଥିବା ପଟ୍ଟାମୁଣ୍ଡାଇ କେନାଲର ବାମ ପାର୍ଶ୍ୱରେ ବିରୂପା ନଦୀବନ୍ଧ ରହିଛି। ଏହା କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଦେଇ ପ୍ରବାହିତ ହୋଇଥିବା ବେଳେ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଏହି ନଦୀ ବନ୍ଧଟି ତିନୋଟି ଜିଲାକୁ ସଂଯୋଗ କରିଛି। ଏହି କେନାଲଟି ଜଳ ସମ୍ପଦ ବିଭାଗର ୨ଟି ଡିଭିଜନ ଅଧୀନରେ ରହିଛି। ଜଗତପୁରଠାରୁ ବାଲିଚନ୍ଦ୍ରପୁର ପର୍ଯ୍ୟନ୍ତ ଏହା ମହାନଦୀ ନର୍ଥ ଡିଭିଜନ୍ ଅଧୀନରେ ରହିଥିବାବେଳେ ବାଲିଚନ୍ଦ୍ରପୁରଠାରୁ ଅଳଭା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ



କେନାଲ କଡ଼ରେ ପଡ଼ିଥିବା ମାଟି।

ଡିଭିଜନ୍ ଅଧୀନରେ ରହିଛି। ଏହାମଧରେ ଯାଜପୁର ଜିଲାର ବାଲିଚନ୍ଦ୍ରପୁରଠାରୁ ଦେକୁରୀ ପର୍ଯ୍ୟନ୍ତ ବିରୂପା ନଦୀର ଦକ୍ଷିଣ କେନାଲ ବନ୍ଧ ନଂ.(୩୪)କୁ ଜଳ ସମ୍ପଦ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ପରେ ଏହି ନଦୀବନ୍ଧକୁ ପ୍ରଶସ୍ତୀକରଣ କରାଯାଇ ୧୫ କୋଟି ଟଙ୍କା ବିନିମୟରେ ୧୦ କି.ମି. ୨୦୦ ମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଜଳ ସମ୍ପଦ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ନଦୀ ବନ୍ଧର ବାମ ପାର୍ଶ୍ୱକୁ ପ୍ରଶସ୍ତୀକରଣ କରାଯିବ, ଯଦ୍ୱାରା ନଦୀବନ୍ଧଟି ଅଧିକ ସୁଦୃଢ ହୋଇପାରିବା ସହ ଓସାରିଆ ରାସ୍ତା ନିର୍ମାଣ କରାଯାଇପାରିବ। ଏହାର ଦକ୍ଷିଣ ପାର୍ଶ୍ୱରେ ପଟ୍ଟାମୁଣ୍ଡାଇ କେନାଲ ଯାଇଥିବା ହେତୁ

■ ଚାଲିଛି ରାସ୍ତା ପ୍ରଶସ୍ତୀକରଣ
■ ଜଳସେଚନ ବ୍ୟବସ୍ଥାରେ ବାଧାସୃଷ୍ଟି ଆଶଙ୍କା

କେବେବି ଦକ୍ଷିଣ ପାର୍ଶ୍ୱକୁ ରାସ୍ତାର ଚଉଡ଼ା ବୃଦ୍ଧି ହୋଇପାରିବ ନାହିଁ। ତେବେ ଏହି ରାସ୍ତାକୁ ଦୁଇଟି ଠିକା କମ୍ପାନୀ ନେଇଥିବା ବେଳେ ସେମାନେ ଏବେ କେନାଲ ପାର୍ଶ୍ୱରେ ମାଟି ପକାଉଛନ୍ତି। କେନାଲର ଦକ୍ଷିଣ ପାର୍ଶ୍ୱରେ ମାଟି ପଡ଼ିବା ଦ୍ୱାରା ଆଗାମୀ ଦିନରେ କେନାଲଟି ପୋତିହୋଇଯିବ; ଯଦ୍ୱାରା କେନ୍ଦ୍ରାପଡ଼ା ଜିଲା ସର୍ବାଧିକ ପ୍ରଭାବିତ ହେବ। ଏହି କେନାଲଟି ଦେକୁରୀଠାରୁ ଅଳଭା ପର୍ଯ୍ୟନ୍ତ ଦୀର୍ଘ ୩୫ କିଲୋମିଟର କେନ୍ଦ୍ରାପଡ଼ା ଜିଲା ଦେଇ ଯାଇଛି।

ବ୍ରିଟିଶ ସରକାରଙ୍କ ଅମଳରେ ୧୮୯୩ରେ ନିର୍ମାଣ ହୋଇଥିବା ଏହି କେନାଲଟି ଜମିର ଜଳସେଚନ ପାଇଁ ପ୍ରମୁଖ କେନାଲ ଭାବେ ପରିଗଣିତ। ୨୦୧୬ରେ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି) ଜରିଆରେ କେନାଲ ପୁନରୁଦ୍ଧାର ପାଇଁ ୩୬୦କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ୨୦୧୮ରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। କେନାଲର ମୂଳ ଶଯ୍ୟାକୁ ଖନନ କରାଯାଇ ସମ୍ପୂର୍ଣ୍ଣ ୮୨ କିଲୋମିଟର କାର୍ଯ୍ୟ ହୋଇଥିଲା। ଏବେ କେନାଲର ଦକ୍ଷିଣ ପାର୍ଶ୍ୱରେ ମାଟି ପକାଇ ପ୍ରଶସ୍ତୀକରଣ କାମ କରି ବିଭାଗକୁ ମାପ ଦେଖାଇବା ପାଇଁ ଠିକାଦାର ଏଭଳି ମନମୁଖି କାର୍ଯ୍ୟ କରୁଛନ୍ତି। ବର୍ଷାଋତୁ ଆସିଲେ ଏଠାରେ ପଡ଼ିଥିବା ମାଟିଗୁଡ଼ିକ କେନାଲ ମଧକୁ ପଶିଯିବ। ପରେ ଏହାର ମୂଳ ଶଯ୍ୟା ପୋତି ହୋଇଯିବ। ଶଯ୍ୟା ପୋତି ହୋଇଗଲା ପରେ କେନାଲରେ ପ୍ରବାହିତ ଜଳ ଶେଷ ମୁଣ୍ଡରେ ପହଞ୍ଚିପାରିବ ନାହିଁ, ଯଦ୍ୱାରା କେନାଲ ଜଳ ପ୍ରବାହରେ ବାଧା ଉପୁଜିବ। ହଜାରହଜାର ହେକ୍ଟର ଚାଷଜମି ଜଳସେଚନ ସୁବିଧାରୁ ବଞ୍ଚିତ ହେବ। ଏନେଇ ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିବା ସହିତ ଜଳ ସମ୍ପଦ ବିଭାଗକୁ ଜଣାଇଛନ୍ତି। ତୁରନ୍ତ ଠିକାଦାରଙ୍କୁ ଏହି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ନିର୍ଦ୍ଦେଶ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ଏନେଇ ପୂର୍ବରୁ ସୂଚନା ପାଇ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମାଟି ନ ପକାଇ କେବଳ କେନାଲ ପାର୍ଶ୍ୱ ରାସ୍ତା ସମାନ କରିବା ପାଇଁ କହିଥିଲେ। ଏବେ ସୂଚନା ମିଳୁଛି ଯେ କେନାଲ ପାର୍ଶ୍ୱେ ୬ରୁ ୮ଫୁଟ ମାଟି ପଡୁଛି। ତେଣୁ ଖୁବ୍‌ଶୀଘ୍ର ଜଳ ସମ୍ପଦ ବିଭାଗ ତରଫରୁ କ୍ଷେତ୍ର ପରିଦର୍ଶନ କରାଯାଇ ଏହାକୁ ବନ୍ଦ କରାଯିବ ବୋଲି ଯନ୍ତ୍ରୀ ରାଉତ ପ୍ରକାଶ କରିଛନ୍ତି।

### ସୁକନ୍ୟା ଟଙ୍କା ଡିପୋଜିଟ୍‌କୁ ନେଇ ଗଣ୍ଡଗୋଳ, ୨ ଗିରଫ

**ରସୁଲପୁର,୫।୫(ଡି.ଏନ.ଏ.)**

ସୁକନ୍ୟା ଯୋଜନା ଟଙ୍କା ଡିପୋଜିଟ୍‌କୁ ନେଇ କୁଆଖିଆ ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡ ପଞ୍ଚାୟତ ବଜାରରେ ଥିବା ଏକ ସେଲୁନ ନିକଟରେ ବୁଧବାର ଗଣ୍ଡଗୋଳ ଘଟିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଥମାଖଣ୍ଡ ଗ୍ରାମର ରାଜକିଶୋର ଦାସ ଓ ତାଙ୍କ ଭିଣୋଇ ସନ୍ତୋଷ କୁମାର ପ୍ରଧାନ। ଉଭୟ ମିଶି ସେହି ପଞ୍ଚାୟତ ଗୋପାଳପୁର ଗ୍ରାମର ଶୁଭ୍ରଜିତ ପଣ୍ଡିତଙ୍କୁ ମାଡ଼ ମାରିବା ସହ ଏକ ବ୍ଲେଡ୍ ସହାୟତାରେ ତାଙ୍କ ବେକ କାଟି ଦେଇଥିଲେ। ଘଟଣା ସମ୍ପର୍କରେ ଶୁଭ୍ରଜିତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୫୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ ମାମଲାର ତଦନ୍ତ କରୁଛନ୍ତି। ସୂଚନା ମୁତାବକ, ଶୁଭ୍ରଜିତଙ୍କ ବାପା ସଦାନନ୍ଦ ଅଭିଯୁକ୍ତଙ୍କଠାରୁ ସୁକନ୍ୟା ଯୋଜନାରେ ଟଙ୍କା ଡିପୋଜିଟ୍ କରିବାକୁ ନେଇଥିଲେ। ହେଲେ ସେ ଉକ୍ତ ଟଙ୍କା ଦାଖଲ କରି ନ ଥିଲେ। ଏହାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏପରି କି ଅଭିଯୁକ୍ତମାନେ ଶୁଭ୍ରଜିତଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି।

### ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ

**ଜେନାପୁର,୫।୫(ଡି.ଏନ.ଏ.)**

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କବାଟବନ୍ଧ ସେକ୍ଟରରେ ଏକ ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ରୋଗୀଙ୍କୁ ଫାଇଲେରିଆ ରୋଗର ଅସୁସ୍ଥତା ପରିଚାଳନା ଓ ଶାରୀରିକ ଅସାମର୍ଥ୍ୟ ନିବାରଣ ସରଞ୍ଜାମ (ଏମ୍‌ଏମଡିପି କିଟ) ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ନିହାର ରଞ୍ଜନ କରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସବିତାରାଣୀ ମହାନ୍ତି ଓ ସ୍ୱାସ୍ଥ୍ୟ ପରାମର୍ଶଦାତା ଉମାକାନ୍ତ ସାହୁ କିଟ୍‌ର ବ୍ୟବହାର ବିଷୟରେ ରୋଗୀଙ୍କୁ ଅବଗତ କରାଇବା ସହ ବିଭିନ୍ନ ହିତକର ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିଦର୍ଶିକା ଓ ପରିଦର୍ଶକଙ୍କ ସହ କବାଟବନ୍ଧ ସେକ୍ଟରର ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଏବଂ ସିଏଚଓମାନେ ଯୋଗଦେଇ ସହଯୋଗ କରିଥିଲେ। ମୋଟ୍ ୨୬ଜଣ ହିତାଧିକାରୀଙ୍କୁ ସରଞ୍ଜାମ ବଣ୍ଟନ କରାଯାଇଛି ବୋଲି ନିହାର ରଞ୍ଜନ କର ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ମେ, ୨୦୨୨



# କାଳବୈଶାଖୀରେ ୫୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଲା

- ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା, ଗଛ ଭାଙ୍ଗିଲା
- ଶରଣକୁଳ, ଶିମିଳିସାହିରେ ବିଦ୍ୟୁତ୍ ସରବରାହ ବନ୍ଦ

ନୟାଗଡ଼ ଅଫିସ,୫।୫

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ଅପରାହ୍ନ ୩ଟାରୁ ୪ଟା ପ୍ରାୟ ୧ ଘଣ୍ଟା ଧରି କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା । ତୁହାକୁ ତୁହା ବର୍ଷା ସହ ପବନ ଓ କୁଆପଥର ମାଡ଼ ହୋଇଥିଲା । କାଳବୈଶାଖୀର ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ୫୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଥିବା ବେଳେ ଟେଲିଫୋନ ଟାୱାର ଭାଙ୍ଗି ରୁଜି ନଷ୍ଟ ହୋଇଛି । ଶରଣକୁଳ, ଶିମଳିସାହି ପରି ଗାଁ ଅନ୍ଧାରରେ ରହିଛି । ଗଛ ପଡିବା ଯୋଗୁ ରାସ୍ତା ଅବରୋଧ ହୋଇଛି। ଜିଲା ସଦରମହକୁମାର ପୁରୁଣା ଜେଲ ପଛ ପାଖରେ ଗଢ଼ି ଉଠିଥିବା ପରିବା ମାର୍କେଟରେ ୫ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ଘର ଭାଙ୍ଗିଛି। ସିନ୍ଦୁରିଆ ଅଞ୍ଚଳରେ ଗଛ ଉପୁଡି ପଡିବାରୁ ନୟାଗଡ ସହରରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା। ରାତିରେ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହୋଇଛି । ଓଡ଼ଗାଁ ବ୍ଲକ ଶରଣକୁଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏଠାରେ ପବନର ବେଗ ଅଧିକ ଥିବାରୁ ଶରଣକୁଳ ବିଏସ୍ଏନ୍ଏଲ ଟାୱାର, ଶରଣକୁଳ ଥାନା ଟାୱାର ଓ ଏଟିଏମ୍ ଟାୱାର ଭାଙ୍ଗି ପଡିଛି । ପୁଣି ଅଧିକାଂଶ ଲୋକଙ୍କ ନଡ଼ା ଛପର, ଟିଣ ଓ ଆଜବେଷ୍ଟସକୁ ଉଠାଇ ୧୦୦ରୁ ୫୦୦ ମିଟର ଦୂରରେ ଫୋପାଡି ଦେଇଛି । ଶରଣକୁଳ ଥାନା ପରିସରରେ ପୋଲିସ କର୍ମଚାରୀଙ୍କ ପୁରୁଣା କ୍ୱାର୍ଟର୍ସ ଉପରେ ଗଛ ପଡି ଆବେଷ୍ଟସ ଭାଙ୍ଗି ଯାଇଛି। ଶରଣକୁଳ ବଜାରରେ ଅନେକ ଦୋକାନର ଆଜବେଷ୍ଟସ ଛପର ଉଡାଇ ନେଇଛି। ବାଉଁଶିଆ ଗାଁର ଦୁର୍ଗା ମଳିକଙ୍କ ୨ ବଖରା, ଭାଗବତ ମଳିକଙ୍କ ଚାଳ ଛପର ସହ ଆଜବେଷ୍ଟସ ଛପର ୨ ବଖରା ଘର ଭାଙ୍ଗିଛି । ଶିଖରପୁର କଜଳାଇପଲ୍ଲୀ ରାସ୍ତାରେ ଗଛ ପଡି ଯାନବାହାନ ଚଳାଚଳ ବ୍ୟାହତ ହୋଇଛି। ନୟାଗଡ ବ୍ଲକ ଶରଣକୁଳ ପଞ୍ଚାୟତ ସାନବିଜିପୁର ଗାଁରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି। ନୂଆଗାଁ ବ୍ଲକ ଶିମିଳିସାହିରେ ଗୁଲୁବାସ ପ୍ରଧାନଙ୍କ ଚାଳ ଛପର ଘର ଭାଙ୍ଗି ଯାଇଥିବାବେଳେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କର ଛପର ଉଠି ଯାଇଛି । ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଶିମୁଳିସାହି, ମାଙ୍କପଲ୍ଲୀ, ତୁଳସୀପୁର ଅଞ୍ଚଳରେ ରାସ୍ତା ଉପରେ ଗଛ ପଡି ଯାନବାହାନ ଚଳାଚଳ ବନ୍ଦ ରହିଛି । ବାଲୁଗାଁ ମହିପୁର ରୋଡର କଞ୍ଚନବେଳିଠାରେ ରାସ୍ତା ଉପରେ ଗଛ ପଡି ଯାତାୟତ ବାଧାପ୍ରାପ୍ତ ହୋଇଛି । ଭାପୁର ବ୍ଲକର ଧାନଚାଙ୍ଗଡା ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ଗାଁରେ ୩ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଛି ।



ଭାଙ୍ଗିପଡ଼ିଥିବା ଦୋକାନଘର ଆଜବେଷ୍ଟସ୍ ଛାତ।



ରାସ୍ତା ଉପରେ ପଡ଼ିଥିବାଗଛକୁ ଅଗ୍ନିଶମ କର୍ମଚାରୀମାନେ ସଫା କରୁଛନ୍ତି।



କ୍ଷତିଗ୍ରସ୍ତ ଘର।

## ସଂକ୍ଷେପରେ

### ଭାପୁରରେ ୨ଦିନ କାଳବୈଶାଖୀ



ଭାପୁର,୫।୫(ଡି.ଏନ.ଏ.): ଭାପୁର ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେବ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ବାରମ୍ବାର ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା । ହେଲେ ବୁଧବାର ଓ ଗୁରୁବାର ଅପରାହ୍ନର କାଳବୈଶାଖୀ ଯୋଗୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି । ତେବେ ଏହାର ପ୍ରଭାବରେ ଧାନଚାଙ୍ଗଡା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମରେ ଅଧିକାଂଶ ଘରର ଛପର ଉଡିଯାଇଛି । ଲକ୍ଷ୍ମୀପ୍ରସାଦ ଗ୍ରାମର ତୁଳସୀ ସାହୁଙ୍କ ଟାଇଲି ଛପର କ୍ଷତିଗ୍ରସ୍ତ ହୋଇଛି । ତୁଳସୀଙ୍କ ସ୍ୱାମୀ ଜଣେ ମାନସିକ ରୋଗୀ। ତୁଳସୀ ଭାଗ ଜମିରେ ପନିପରିବା ଚାଷ କରି ପରିବାର ଚଳାନ୍ତି । ତାଙ୍କ ଘରର ଟାଇଲି ଛପର ଉଡିଯାଇଥିବାରୁ ସେ ଭାପୁର ତହସିଲଦାର ତୃପ୍ତି ମହାନ୍ତିଙ୍କୁ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି । ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କ ତାଙ୍କୁ ଭେଟି ସମବେଦନା ଜଣାଇଛନ୍ତି ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡା,୫।୫(ସ୍ୱ.ପ୍ର.):** ଭାପୁର ବ୍ଲକ ଧାନଚାଙ୍ଗଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ପଟ୍ଟନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ମାଧପୁର କ୍ଲଷ୍ଟରର ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ , ଭାପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତାପ କିଶୋର ପଟ୍ଟନାୟକ,ବଟକୃଷ୍ଣ ଷଡଙ୍ଗୀ, ସିଆରସିସି ପ୍ରକାଶ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଯୁଗଳ କିଶୋର ଜେନା, ଦେବରାଜ ଜେନା,ପରିଚାଳନା କମିଟିର ସଭାପତି ଭୀମସେନ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉକ୍ତ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଯାଇଥିବା ଶିକ୍ଷୟିତ୍ରୀ ବିନୋଦିନୀ ଜେନାଙ୍କୁ ଅତିଥିମାନେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଓଡ଼ଗାଁରେ ଜବରଦଖଲ ଉଚ୍ଛେଦ ଅଭିଯାନ



ଜବରଦଖଲ ଉଚ୍ଛେଦ ହୋଇଥିବା ଦୋକାନ।

- ପୋଲିସ ଉପସ୍ଥିତିରେ ବୁଲିଲା ବୁଲଡୋଜର
- ୪୪ ସ୍ଥାୟୀ, ଅସ୍ଥାୟୀ ଦୋକାନ ଉଚ୍ଛେଦ ହେଲା

ଓଡ଼ଗାଁ, ୫।୫ (ସ୍ୱ.ପ୍ର.)

ଓଡ଼ଗାଁ ଏନ୍ଏସିରେ ଚାଲିଲା ବୁଲଡୋଜର। ଗୁରୁବାର ଏନ୍ଏସି, ପୋଲିସ ଓ ରାଜସ୍ୱ ବିଭାଗର ମିଳିତ ଉଦ୍ୟମରେ ସରକାରୀ ଜାଗାରେ ଜବରଦଖଲରେ ଥିବା ୪ ସ୍ଥାୟୀ ଦୋକାନ ସହିତ ୪୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନକୁ ଉଚ୍ଛେଦ କରାଯାଇଛି। ଏନ୍ଏସି ଓ ପ୍ରଶାସନ ତରଫରୁ ଏହି ଦୋକାନୀମାନଙ୍କୁ ବାରମ୍ବାର ନୋଟିସ ଦିଆଯାଇଥିଲା। ହେଲେ ସେଥିପ୍ରତି ଜବରଦଖଲକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ । ଫଳରେ ଜିଲା ପ୍ରଶାସନକୁ ଦୃଢ଼ ପଦକ୍ଷେପ ନେବାକୁ ପଡିଥିଲା । ବିଶେଷ କରି ୨୧ନଂ. ରାଜ୍ୟ ରାଜପଥ ସଂଲଗ୍ନ ବସଷ୍ଟାଣ୍ଡ ପ୍ରବେଶ ପଥ, ଖଜୁରିଆ-କୁମ୍ଭିଆପଲ୍ଲୀ ରାସ୍ତା ତଥା ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱ, ବାଳିକା ହାଇସ୍କୁଲ ପଛ ଦେଇ ଆସୁଥିବା ନାଳ ପାର୍ଶ୍ୱ, ୭ ନମ୍ବର ୱାର୍ଡ ହରିଜନ ସାହି, ଥାନା, ଶିକ୍ଷା ଓ ବନ ବିଭାଗ ପାଚେରୀ ସଂଲଗ୍ନ ତଥା କଲେଜ ରୋଡରେ କଦଳୀବନ୍ଧ ମୌଜା ଆଦି ଜାଗାରେ ଦିନକୁ ଦିନ ଜବରଦଖଲ ବୃଦ୍ଧି ପାଇଥିଲା । ଏହାଦ୍ୱାରା ସରକାରଙ୍କ ବହୁ ଉନ୍ନୟନ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେବା ସହିତ ଅଯଥା ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିଲା ।

ଗତ ୨୭ ତାରିଖରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ, ଉପଜିଲାପାଳ ଲଗ୍ନଜିତ ରାଉତ, ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ଏନଏସିର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏନ୍ଏସିର ସମସ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳୁ ଏନ୍ଏସି ନିର୍ବାହୀ ଅଧିକାରୀ ଜେନା, ତହସିଲଦାର ବିଜୟିତା ସାମନ୍ତସିଂହାର, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଆଦର୍ଶ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ସହିତ ପୋଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲରେ ଥିବା ସମସ୍ତ ଦୋକାନ ଘରକୁ ଉଚ୍ଛେଦ କରାଯାଇଛି । ଉଚ୍ଛେଦ ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି ।

# କଣ୍ଟିଲୋକୁ ରେଳପଥ ସଂଯୋଗ କରିବାକୁ ଦାବି

ଖଣ୍ଡପଡ଼ା,୫।୫(ସ୍ୱ.ପ୍ର.)

- ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ ସେବା ମିଳୁ
- ରେଳମନ୍ତ୍ରୀଙ୍କୁ ଭେଟିଲେ ଭାଜପା ମହିଳାମୋର୍ଚ୍ଚା ସଭାନେତ୍ରୀ

କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ କ୍ଷେତ୍ରକୁ ରେଳପଥ ସଂଯୋଗୀକରଣ କରିବା ସହିତ ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସେବା ଉପଲବ୍ଧ କରିବାକୁ ଦାବି କରାଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ନୟାଗଡ଼ ଜିଲା ଭାଜପା ମହିଳାମୋର୍ଚ୍ଚା ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶ ଦାବିପତ୍ର ପ୍ରଦାନ କରିଛନ୍ତି । ଗୁରୁବାର ନୂଆଦିଲ୍ଲୀସ୍ଥିତ ରେଳ ଭବନରେ କେନ୍ଦ୍ରମନ୍ତ୍ରୀଙ୍କୁ ଦାଶ ଓ ସଙ୍ଗଠକ ଇଂ. ଶ୍ରୀନିବାସ ଦାଶ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହ ଉପହାର ସ୍ୱରୂପ ଶ୍ରୀଜଗନ୍ନାଥଙ୍କ ଏକ ଫଟୋଚିତ୍ର ପ୍ରଦାନ କରିଥିଲେ । ବିଶେଷ କରି ନୟାଗଡ଼ ରେଳ ଷ୍ଟେଶନକୁ ପ୍ରଭୁ ଶ୍ରୀ ନୀଳମାଧବଙ୍କ ନାମରେ ନାମିତ କରିବା, ନୟାଗଡ଼ ଜିଲାର ସମସ୍ତ ଡ଼ାକ ଘରେ ଏଟିଏମ୍ ସେବା ପ୍ରଚଳନ କରିବା, ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ନୟାଗଡ଼ରୁ ନୀଳମାଧବ କ୍ଷେତ୍ର କଣ୍ଟିଲୋକୁ ରେଳପଥ ସଂଯୋଗୀକରଣ ସହ ଡ଼ିଜିଟାଲ ଇଣ୍ଡିଆର ସଫଳ ରୂପାୟନ ନେଇ ଜିଲାର ଉପାନ୍ତ ଅଞ୍ଚଳରେ ଇଣ୍ଟରନେଟ ସେବା ଉପଲବ୍ଧ ନିମନ୍ତେ ଅଧିକ ମୋବାଇଲ ଟାୱାର ସ୍ଥାପନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଉପରୋକ୍ତ ଦାବିଗୁଡିକ ପ୍ରତି ସେ ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଏଦିଗରେ ପଦକ୍ଷେପ ପାଇଁ ତାଙ୍କ ଟେକ୍ନିକାଲ କମିଟିକୁ ମନ୍ତ୍ରୀ ସୁପାରିଶ କରିଥିବା ଦାଶ ସୂଚନା ଦେଇଛନ୍ତି ।



ଭାଜପା ନେତ୍ରୀ ଅର୍ଚ୍ଚନା ଦାଶ ରେଳମନ୍ତ୍ରୀଙ୍କୁ ଉପହାର ପ୍ରଦାନ କରୁଛନ୍ତି।

# କାଠ ବ୍ୟବସାୟୀଙ୍କ ଯୋଗୁ ଉଜୁଡୁଛି ଜଙ୍ଗଲ

ଖଣ୍ଡପଡ଼ା,୫।୫(ସ୍ୱ.ପ୍ର.)

ବିଭିନ୍ନ କାରଣକୁ ନେଇ ଜଙ୍ଗଲର ଦ୍ରୁତ ଅବକ୍ଷୟ ଘଟୁଛି। ହେଲେ କାଠ ବ୍ୟବସାୟୀ, କାଠ କୋଇଲା ସଂଗ୍ରହ କରୁଥିବା କେତେଜଣ ବ୍ୟକ୍ତି ଏଥିପାଇଁ ଦାୟୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଗ୍ରୀଷ୍ମ ପ୍ରବାହ ସମୟରେ ଜଙ୍ଗଲ ନିଆଁକୁ ରୋକିବାରେ ବନବିଭାଗ ବିଫଳ ହୋଇଛି। କାଳ ବୈଶାଖୀ ବର୍ଷାରେ ବନାଗ୍ନି ନିର୍ବାପିତ ହେଉଥିଲେ ମଧ୍ୟ ସେହି ନିଆଁରେ ଜଙ୍ଗଲ ସମ୍ପଦ ଛାରଖାର ହେଉଥିବା ନଜର ରହିଛି। ଖଣ୍ଡପଡ଼ା ବନାଞ୍ଚଳର ସିଂଘାପଡ଼ା ସେକ୍ସନ ଅଧୀନ ବହୁ ହେକ୍ଟର ସଂରକ୍ଷିତ ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁ ଚଳିତ ବର୍ଷ ଅଧିକ କ୍ଷୟକ୍ଷତି ହୋଇଛି । ଗତ ଏପ୍ରିଲ ମାସରେ ବହୁ ଦିନ ଜଙ୍ଗଲରେ ନିଆଁ ଲାଗିଥିଲା । ଏହାଦ୍ୱାରା ବହୁ କ୍ଷୟକ୍ଷତି ହୋଇଥିଲେ ହେଁ ଉକ୍ତ ସେକ୍ସନ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉଦାସୀନତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛି ମାସ ମଧ୍ୟରେ ସିଂଘାପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ କାଠ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଜାଳେଣି କାଠ ସଂଗ୍ରହ ଆଳରେ କାଠ କଟାଳିମାନେ ମୂଲ୍ୟବାନ ଗଜା ଶାଳ ଓ ଶାଗୁଆନ ଗଛକୁ କାଟି ଲୁଚିନେଉଥିବା ଅଭିଯୋଗ ହେଉଛି। ମାଫିଆଙ୍କ ଯୋଗୁ ଜଙ୍ଗଲ ସମ୍ପଦ ନଷ୍ଟ ହେଉଥିବାରୁ ପରିବେଶବିତ୍ମାନେ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନୟାଗଡ଼ ବନଖଣ୍ଡ ଅଧିକାରୀ ଓ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ହରିହରପ୍ରସାଦରେ ଜଳାଭାବ

ଖଣ୍ଡପଡ଼ା,୫।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଶାଳଝରିଆ ପଞ୍ଚାୟତ ଅଧୀନ ହରିହରପ୍ରସାଦରେ ପାନୀୟ ଜଳର ଅଭାବ ଉତ୍କଟ ରୂପ ନେଇଛି । ଗ୍ରାମରେ ଥିବା ନଳକୂପରୁ ମାଟି ମିଶା ଗୋଳିଆ ପାଣି ବାହାରୁଛି । ଭୂତଳ ଜଳସ୍ତର ହ୍ରାସ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏଣେ ନଦୀ,ପୋଖରୀ ଓ କୂଅ ଶୁଖିବାକୁ ବସିଛି । ଏପରି ପରିସ୍ଥିତିରେ ଗ୍ରାମର ମହିଳାମାନେ ନଳକୂପ ନିକଟରେ ଦୀର୍ଘ ସମୟ ଗରା,ବାଲ୍‌ଟି ଧରି ଅପେକ୍ଷା କରୁଥିଲେ ମଧ୍ୟ ପାଣି ମୁନ୍ଦେ ପାଇ ପାରୁନାହାନ୍ତି। ଉକ୍ତ ଗ୍ରାମକୁ ପାଇପରେ ପାନୀୟ ଜଳ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ମାତ୍ର ପାଇପ ଯୋଗେ ଅଳ୍ପ ସମୟ ପାଇଁ ପାଣି ଯୋଗାଇ ଦିଆଯାଉଥିବାରୁ ଗ୍ରାମବାସୀ ଆବଶ୍ୟକ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ଜଳଉତ୍ସଗୁଡ଼ିକରେ ଆବଶ୍ୟକ ଜଳ ଉପଲବ୍ଧ ହେଉନାହିଁ । ପାଇପ୍‌ରେ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଛି ବୋଲି ପ୍ରଶାସନିକ ଅଧିକାରୀ କହିଛନ୍ତି। ଗ୍ରାମ ମୁଣ୍ଡରେ ଥିବା ନଳକୂପର ଆନୁସଙ୍ଗିକ ମରାମତି ନିମନ୍ତେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି । ଅପରପକ୍ଷେ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହେଉଛି ।



ନଳକୂପରୁ ପାଣି ବାହାରୁ ନାହିଁ, ମହିଳାମାନେ ଅପେକ୍ଷା କରିଛନ୍ତି ।

**ଟ୍ୟାଙ୍କରରେ ପାଣି ଯୋଗାଣ ଦାବି**

# ଅର୍ଥାଭାବରୁ ଉଚ୍ଚତର ଚିକିତ୍ସାରୁ ବଞ୍ଚିତ ରମେଶ

ନୂଆଗାଁ,୫।୫(ଡି.ଏନ.ଏ.)



ମୁଖଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ରମେଶ ।

- ମୁଖ ଗହ୍ୱର କର୍କଟ ରୋଗକୁ ନେଇ ଚିନ୍ତା
- ପରିବାରରେ ଆର୍ଥିକ ଅନଟନ ବଢ଼ୁଛି
- ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିଲେ ମଧ୍ୟ ସହଯୋଗ ମିଳୁନି

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାସ୍ତାପଲି ପଞ୍ଚାୟତ ବଡଦୁରୁପା ଗ୍ରାମର ରମେଶ ମଳିକ(୫୫) ମୁଖ ଗହ୍ୱର କର୍କଟ ରୋଗରେ ପୀଡ଼ିତ ହେଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଆର୍ଥିକ ଅନଟନ ଯୋଗୁ ସେ ଉଚ୍ଚତର ଚିକିତ୍ସାରୁ ବଞ୍ଚିତ ହୋଇଛନ୍ତି । କୌଣସି ସହୃଦୟ ବ୍ୟକ୍ତି କିମ୍ବା ସରକାର ତାଙ୍କ ଚିକିତ୍ସା ବ୍ୟବସ୍ଥା କଲେ ସେ ଏହି ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ ବୋଲି ରମେଶ କହିଛନ୍ତି। ରମେଶ ଜଣେ ଦିନମଜୁରିଆ । ପ୍ରତିଦିନ ମୂଲ ଲାଗି ଯାହା ଆଣନ୍ତି ସେଥିରେ ତାଙ୍କ ପରିବାର ପ୍ରତିପୋଷଣ ହୁଏ । ପରିବାର କହିଲେ ରମେଶ ଓ ସ୍ତ୍ରୀ ଶାରଳାଙ୍କୁ ନେଇ ତାଙ୍କ ତେଲଲୁଣର ସଂସାର। ନିଜସ୍ୱ ଜମିବାଡି ନ ଥିବାରୁ ଯାହା ରୋଜଗାର କରନ୍ତି ସେଥିରେ ଏହି ଦମ୍ପତି ବେଶ୍ ହସଖୁସିରେ ଚଳି ଯାଉଥିଲେ । ବର୍ଷେ ତଳେ ରମେଶଙ୍କ ପାଟିରୁ କେତୋଟି ଦାନ୍ତ ଖସିପଡିଥିଲା । ଏହାପରେ ପାଟିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା।। ଏ ସଂକ୍ରାନ୍ତରେ ସେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ସାକ୍ଷାତ କରି ପରାମର୍ଶ ଲୋଡିଥିଲେ । କିଛିଦିନ ଔଷଧ ସେବନ କଲାପରେ ମଧ୍ୟ ଯନ୍ତ୍ରଣା କମି ନ ଥିଲା । ଏହାପରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ପରୀକ୍ଷା ପରେ ସେ ମୁଖଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା । ରମେଶଙ୍କୁ ଭୁବନେଶ୍ୱର କିମ୍ବା କଟକରେ ଚିକିତ୍ସା କରିବା ପାଇଁ ନୟାଗଡ଼ ଡାକ୍ତର ପରାମର୍ଶ ଦେଇଥିଲେ। ସ୍ତ୍ରୀ ଶାରଳା ରମେଶଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଯାହା କିଛି ଶାରଳା ସଞ୍ଚୟ କରି ରଖିଥିଲେ ତାହା କେବଳ ପରୀକ୍ଷା ନିରୀକ୍ଷାରେ ଶେଷ ହୋଇଯାଇଥିଲା । ଡାକ୍ତରଙ୍କ ଚିଠା ମୁତାବକ ଔଷଧ କିଣିବା ପାଇଁ ଟଙ୍କା ନ ଥିବାରୁ ସ୍ୱାମୀ ସ୍ତ୍ରୀ ଦୁହେଁ ବାଧ୍ୟ ହୋଇ ଘରକୁ ଫେରି ଆସିଥିଲେ।

ଇତିମଧ୍ୟରେ ବର୍ଷେ ବିତିଛି । ବିନା ଚିକିତ୍ସା ଏବଂ ଔଷଧରେ ସେହି ରୋଗ ବଢ଼ି ଚାଲିଛି । ସେଥିପାଇଁ ଘରେ ପଡି ରମେଶ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ସ୍ୱାମୀଙ୍କ କଷ୍ଟ ସହି ନ ପାରି ଖିଆପିଆ ଛାଡି ଶାରଳା ବି ମାନସିକ ଦୁଶ୍ଚିନ୍ତାରେ ଦିନ କାଟୁଛନ୍ତି । ଗତ ପଞ୍ଚାୟତ ନିର୍ବାଚନ ସମୟରେ ବହୁ ନେତା, ପ୍ରାର୍ଥୀ ତାଙ୍କ ଦୁଃଖ ବିଷୟରେ ଜାଣିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସହାୟତା କରିନାହାନ୍ତି ବୋଲି ଶାରଳା କହିଛନ୍ତି । ରମେଶଙ୍କ ଚିକିତ୍ସା ବାବଦରେ ଦୁରୁପା ଅଙ୍ଗନୱାଡି କର୍ମୀ ମାମିନା ନାହକ କହିଛନ୍ତି, ଏ ବାବଦରେ ସେ ବହୁ ଚେଷ୍ଟା କରିବା ସହ ଆଶାକର୍ମୀ, ମେଡିକାଲ ସୁପରଭାଇଜରଙ୍କୁ ବାରମ୍ବାର ଜଣାଇଛି। ରମେଶଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ ଥିଲେ ମଧ୍ୟ ସହଯୋଗର ଅଭାବ ଯୋଗୁ ସେ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇପାରିନାହାନ୍ତି । ସ୍ଥାନୀୟ ମହିଳା ସାମାଜିକ କର୍ମୀ ଉର୍ମିଳା ମହାପାତ୍ର ରମେଶଙ୍କ ଚିକିତ୍ସା ପାଇଁ ଅଣ୍ଟା ଭିଡ଼ିଛନ୍ତି। ସରକାରୀ କିମ୍ବା ବେସରକାରୀସ୍ତରରେ ଏଥିପାଇଁ ସହଯୋଗ ମିଳିଲେ ରମେଶଙ୍କ ଉଚ୍ଚତର ଚିକିତ୍ସା ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି ।

